ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.154 Bhubaneswar Monday, August 02, 2021 | ୨୪ତମ ବର୍ଷ ସଂଖ୍ୟା-୧୫୪ ଭୁବନେଶ୍ୱର, ସୋମବାର, ଅଗଷ୍ଟ ୦୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଏକାଦଶାହ ଉପଲକ୍ଷେ



# ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

## ୰ ମଞ୍ଜୁଲତା ମହାପାତ୍ର

ପିପଳିଡିହ, ଚଣ୍ଡିଖୋଲ, ଯାଜପୁର
ଆବିର୍ଭାବ : ୧୨.୦୬.୧୯୬୩
ତିରୋଧାନ : ୨୩.୦୭.୨୦୨୧

ତୁମର ତ୍ୟାଗ, ଆଦର୍ଶ, ସରଳତା, କର୍ମନିଷ୍ଠା, ସ୍ନେହ ଓ ଭଲ ପାଇବା ତଥା ପରକୁ ଆପଣେଇବା ଆମ ସମସ୍ତଙ୍କ ପାଇଁ ଅମର ହୋଇ ରହିବ। ଅନେକ ସ୍ମୃତି... ଅଶ୍ରୁଳ, ତୁମର ପ୍ରତିଟି କାର୍ଯ୍ୟ ଓ ଦାୟିତ୍ୱ ପାଇଁ ତୁମେ ଥିଲାବେଳେ ତୁମର ଆବଶ୍ୟକତା ଆମ ପାଇଁ କେତେ ଗୁରୁତ୍ୱ ଥିଲା ତାହା ଆଜି ହିଁ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ପ୍ରଭୁ ଜଗନ୍ନାଥଙ୍କ ଠାରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ସ୍ୱାମୀ-ସୁରେନ୍ଦ୍ରନାଥ ମହାପାତ୍ର, ପୁଅ- ପ୍ରଶାନ୍ତ କୁମାର ମହାପାତ୍ର, ସୁଶାନ୍ତ କୁମାର ମହାପାତ୍ର, ଶ୍ରୀକାନ୍ତ କୁମାର ମହାପାତ୍ର, ଦିଅର-ଦଶରଥ ମହାପାତ୍ର, ଯାଆ- କବିତା ସେନାପତି, ସୁଶିଳା ମହାପାତ୍ର, ବୋହୂ- ପ୍ରଜ୍ଞାନ ପରମିତା ନାୟକ, ସ୍ୱପ୍ନାମୟୀ ଦଳେଇ, ପୁତୁରା- ସୁବ୍ରତ କୁମାର ମହାପାତ୍ର, ଝିଆରି- ମୋନାଲି ମହାପାତ୍ର, ନାତୁଣୀ- ପ୍ରିୟାଂଶି ମହାପାତ୍ର ଓ ଶ୍ରେୟାଶୀ ମହାପାତ୍ର।

ବନ୍ଧୁ, ପରିବାରବର୍ଗ, ପିପଳିଡିହ ଓ ବେଲସୁନ୍ଦରୀ ଗ୍ରାମବାସୀ, ଆତ୍ମିୟସ୍ୱଜନମାନଙ୍କ ସହ 'ପର୍ଯ୍ୟବେକ୍ଷକ', 'ଦି କଳିଙ୍ଗ କ୍ରୋନିକିଲ' ପରିବାର

# ମାଉସୀ ପାଇଁ ଦିପଦ କଥା...

ଶୂନ୍ୟସ୍ତମ୍ଭ



ଡକ୍ଟର ପବିତ୍ରମୋହନ ସାମନ୍ତରାୟ

ହଠାତ୍ ୨୩ ତାରିଖ ସନ୍ଧ୍ୟା ୮.୦୦ ଘଟିକା ସମୟରେ ସାନଭାଇ ବିଭୂତି ଠାରୁ ମଞ୍ଜୁ ମାଉସୀ ଚାଲିଯିବାର ଖବର ଶୁଣି ତତ୍‌କ୍ଷଣାତ ତା ପୁଅ ପ୍ରଶାନ୍ତକୁ ଫୋନ କଲି। ପ୍ରଶାନ୍ତ ଫୋନ ନ ଧରିବାରୁ ପରେ ଲିପା ଓ ମୁନୁନା ପାଖରୁ ସବୁ କଥା ଶୁଣିଲି। ମାଉସୀର ସ୍ୱାସ୍ଥ୍ୟଗତ ସମସ୍ୟା ଜାଣିବା ପରେ ବିଗତ ଦୁଇ ମାସ ଧରି ମୁଁ ନିୟମିତ ଭାବେ ତା ପୁଅମାନଙ୍କ ସହ, ତାକୁ ଚିକିତ୍ସା କରୁଥିବା ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରର ଡକ୍ଟର ଲୁସି ପଟ୍ଟନାୟକ ତଥା କିଛି ସୁନାମଧନ୍ୟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ରଥ, ଡାକ୍ତର ଗିରି, ଡାକ୍ତର ସେନାପତି ପ୍ରଭୃତି ବ୍ୟକ୍ତି ବିଶେଷଙ୍କ ସହ ତା ସ୍ୱାସ୍ଥ୍ୟଗତ ସମସ୍ୟା ତଥା ଚିକିତ୍ସାର ଅଗ୍ରଗତି ସମ୍ପର୍କରେ ବିଚାର ବିମର୍ଷ କରି ଆସୁଥିଲି। ଏପରି କୌଣସି ଦିନ ନଥିଲା ତା' ପୁଅମାନଙ୍କର ହ୍ୱାଟସପ୍ ମେସେଜ୍ କିମ୍ବା ମିସ୍‌ଡ଼ କଲକୁ ମୁଁ ବାରମ୍ବାର ଚେକ୍ କରୁନଥିଲି। ମାଉସୀ ଆମମାନଙ୍କୁ ଛାଡ଼ି ଚାଲିଯିବାଟା ଯେତିକି କଷ୍ଟଦାୟକ ନଥିଲା, ଯେଉଁଦିନ ମୁଁ ତା'ର ରୋଗ ବିଷୟରେ ପ୍ରଥମ ଥର ବୋଉ ପାଖରୁ ଶୁଣିଲି ସେ ଦିନଟି ମୋ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ରାତିସାରା କାନ୍ଦୁଥାଏ, କାମ କରୁଥାଏ ଓ ଛାତ ବାଲକୋନିରେ ବୁଲୁଥାଏ। ତା'ର ପରମାୟୁ ଯେ ଆଉ ଅଳ୍ପ କେତେମାସ ଥିଲା ତାହା ମୁଁ ତାକୁ ଚିକିତ୍ସା କରୁଥିବା ବିଶେଷଜ୍ଞମାନଙ୍କ ପାଖରୁ ଜାଣିଥିଲି। କିନ୍ତୁ ଭାବି ନଥିଲି ଯେ ହଠାତ୍ ଏମିତି ଭାବେ ଆମପାଖରୁ ଚାଲିଯିବ ବୋଲି। ତାକୁ ଦେଖିବାକୁ ପ୍ରବଳ ଇଚ୍ଛା ଥିଲେ ବି ତା ସ୍ୱାସ୍ଥ୍ୟଗତ ଅବସ୍ଥା ଓ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ନିଜ ମନକୁ ବୁଝାଇ ନେଇଥିଲି। ତାର ଆକସ୍ମିକ ବିୟୋଗ ଖବର ମୋତେ ମୋ ଛୁଆ ବେଳ ମାମୁଁ ଘର ଗାଁ, ହାଇସ୍କୁଲ ପଢ଼ିବା ସମୟ ଜୀବନକୁ ପୁନର୍ବାର କିଛି ସମୟ ପାଇଁ ଫେରାଇ ନେଇଥିଲା...।

କେଉଁଝର ଜିଲ୍ଲା ଅଳତି ପଞ୍ଚାୟତ ବେଲସୁନ୍ଦରି ଗ୍ରାମର ସ୍ୱର୍ଗତ ବୈକୁଣ୍ଠ ନାଥ ସ୍ୱାଇଁ ଓ ସ୍ୱର୍ଗତ ପାର୍ବତୀ ଦେବୀଙ୍କ ଷଷ୍ଠ ସନ୍ତାନ ଥିଲା ସେ। ମୋ ବୋଉ ସବୁଠାରୁ ବଡ଼ ଝିଅ। ତା ଉପରେ ବଡ଼ ପୁଅ ଅନାଥ ମାମୁଁ । ସେ ଅଜାଙ୍କ ଦୁଇ ବିଧବା ଭଉଣୀଙ୍କ(ସ୍ୱର୍ଗତ ମାଳତି ମାମା ଓ ସେବତୀ ମାମା) ଘରକୁ ପୁଅ ହୋଇ ଯାଇଛନ୍ତି। ତେଣୁ ଦେଖିବାକୁ ଗଲେ ବୋଉ ବଡ଼। ବାସ ମାଉସୀ, ଶିଶିର ମାମୁଁ, ଗୋବରା ମାମୁଁଙ୍କ ପରେ ମଞ୍ଜୁ ମାଉସୀ। ତା ତଳେ ଛକେଇ ମାଉସୀ। ମାମୁଁ ଘରେ ପଢ଼ିବା ସମୟରେ ଛକେଇ ମାଉସୀଙ୍କ ସହ ମୋର ସବୁବେଳେ ମାଡ଼ଗୋଡ଼। ତା'ର ବେଙ୍ଗ ରାଶିକି ମୋର ବେଙ୍ଗ ରାଶି। ମାମା ସବୁବେଳେ ଛକେଇ ମାଉସୀ ପଟ ନେବା ବେଳେ ମଞ୍ଜୁ ମାଉସୀ ଓ ଅଜା ମୋ ସପକ୍ଷରେ। ମୋ ଜୀବନର ମୂଳଦୁଆ ମଜବୁତ କରିବାରେ ଯେଉଁମାନଙ୍କର ଅବଦାନ ରହିଛି ସେମାନଙ୍କ ମଧ୍ୟରୁ ମଞ୍ଜୁ ମାଉସୀର ଏକ ପ୍ରମୁଖ ଭୂମିକା ରହିଅଛି। ବାପା ବୋଉ ସେତେବେଳେ ସମ୍ବଲପୁରରେ ରହିଥାନ୍ତି। ଯମନକିରା ବ୍ଲକ ଗୌଡ଼ପାଲି ମଧ ଇଂରାଜୀ ବିଦ୍ୟାଳୟରୁ ୭ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଦରିଦ୍ର ନାରାୟଣ ବିଦ୍ୟାପୀଠ, ଅଳତି ହାଇସ୍କୁଲରେ ମାମୁଁ ଘରେ ରହି ପଢ଼ିବା ନିଷ୍ପତ୍ତି ବାପା ବୋଉ ଓ ଅଜ । ନେଇଥିଲେ। ଏହା ୪୩-୪୪ ବର୍ଷ ତଳର କଥା । ସେତେବେଳେ ମୋତେ ୧୦ ବର୍ଷ ହୋଇଥାଏ। ଯେଉଁ ସମୟରେ ଛୋଟ ପିଲାଟିଏ ବାପା ମାଆଙ୍କ ପାଖରେ ରହିବା କଥା ସେହି ସମୟରେ ମୋର ଦାୟିତ୍ୱ ମଞ୍ଜୁ ମାଉସୀ, ଗୋବରା ମାମୁଁ ହାତରେ। ଶିଶିର ମାମୁଁ ସେ ସମୟରେ ରୋଇଡାରେ ରହୁଥିଲେ । ସେ ସମୟର ବିଦ୍ୟାଳୟ ଏବଂ ଅଜା ଘର ଗାଁ ବେଲସୁନ୍ଦରୀର ସ୍ମୃତି ଅନୁଭୂତି କେବେ ବି ଭୁଲି ହେବ ନାହିଁ। ଅଜା ଘର ବଡ଼ ପରିବାର ଯଦିବା ସମସ୍ତେ ଅଲଗା ଥିଲେ କିନ୍ତୁ ଗୋଟିଏ ଖଞ୍ଜାରେ ଏକ ଯୌଥ ପରିବାର ପରି ଚଳୁଥିଲେ। ଅଞ୍ଚଳରେ ନା' ଥିଲା। ମୋ ବୋଉର ବିବାହ ସମୟରେ ସ୍ୱାଇଁ ପରିବାର ଯୌଥ ପରିବାର ଥିଲା। ମୋ ବଡ଼ ମାମୁଁ (ସୋମନାଥ ମାମୁଁ) ବୋଉର ବିଭାଘର ଆମ ଗାଁ କ୍ଷେତ୍ରପାଳରେ କରାଇଥିଲେ। ସେ ସମୟରେ ସେ ଚଣ୍ଡିଖୋଲ ଆଶ୍ରମ ହାଇସ୍କୁଲରେ ସହକାରୀ ଶିକ୍ଷକ ଥିଲେ। ପ୍ରଧାନ ଶିକ୍ଷକ ଆମ ଗାଁର ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ଦାସ ଥିଲେ। ତେଣୁ ବୋଉକୁ ସମସ୍ତେ ସମସ୍ତ କାଯ୍ୟକ୍ରମରେ ଖୋଜୁଥିଲେ। କିନ୍ତୁ ମଞ୍ଜୁ ମାଉସୀ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଥିଲା। ଖଞ୍ଜାଟାଯାକ ସମସ୍ତଙ୍କ କାମ କରୁଥିଲା। ସ୍ୱର୍ଗତ ବୀର ଅଜା-ନୀଳାବତି ମାମା, ଗଜି ଅଜା, ନରିଆ ଅଜା-ରଙ୍ଗଲତା ମାମା, କେତକି ମାମା, ଆନ୍ଦିଆ ଅଜା-ବିଦୁଲତା ମାମା, ବିନ ଅଜା, ଟେରା ଅଜା, ମଧୁ ଅଜା, ଲଖି ମାମା ସମସ୍ତଙ୍କ କାମ ବେଳେ ମାଉସୀ ଖୋଜା ପଡୁଥିଲା। ସୋମନାଥ ମାମୁଁ - ବଡ଼ ମାଇଁ(୰ ହେମଲତା ମାଇ), ଅନାଥା ମାମୁଁ (୰ ମନା ମାଇଁ), ବାଙ୍କା ମାମୁଁ (ଅନ୍ନପୂର୍ଣ୍ଣା ମାଇଁ), ନୃସିଂହ ମାମୁଁ (୰ ଜୟନ୍ତୀ ମାଇଁ), (ପରବର୍ତ୍ତୀ ସମୟରେ ଅଞ୍ଜୁ ମାଇଁ ଙ୍କ ସହ ନୃସିଂହ ମାମୁଁଙ୍କ ବିବାହ ହୋଇଥିଲା), ବଳିଆ ମାମୁଁ (କାମିନୀ ମାଇଁ), ଶିଶିର ମାମୁଁ (ସୁଷମା ମାଇଁ), କ୍ଷମା ମାମୁଁ (ମୀନତି ମାଇଁ), ପ୍ରଭାତ ମାମୁଁ, ରବି ମାମୁଁ ତଥା ସମସ୍ତଙ୍କ ସେ ଥିଲା ଅତ୍ୟନ୍ତ ପ୍ରିୟ । ମାଉସୀ ମୋଠାରୁ ୪/୫ ବର୍ଷ ବଡ଼ ଥିଲା। ମୁଁ ତା ପାଖରେ ଶୋଉଥିଲି, ତା କୋଳରେ ବଢ଼ିଛି। ପରବର୍ତ୍ତୀ ଅବସ୍ଥାରେ ମୋର କଲେଜ ପଢ଼ିବା ସମୟରେ ବାପା ବୋଉଙ୍କ ମାଧ୍ୟମରେ ତାର ବାହାଘର ଆମ ଗାଁ ନିକଟସ୍ଥ ପିପଳିଡିହର ସ୍ୱନାମଧନ୍ୟ ଶିକ୍ଷକ ସୁରେନ୍ଦ୍ର ନାଥ ମହାପାତ୍ରଙ୍କ ସହ ସମ୍ପନ୍ନ ହୋଇଥିଲା। ତା ପୂର୍ବରୁ ମଧ ବୋଉର ତଳ ଭଉଣୀ ବାସ ମାଉସୀର ବିଭାଘର ବାପା ବୋଉଙ୍କ ମାଧ୍ୟମରେ ଆମ ଗାଁର ଦାସିଆ ମଉସା (ସ୍ୱର୍ଗତ ଦାଶରଥି ମହାପାତ୍ର)ଙ୍କ ସହ ହୋଇଥିଲା। ସମସ୍ତଙ୍କୁ ଆପଣ କରିବାର କଳାରେ ସେ ଥିଲା ବିଚକ୍ଷଣ, ଅତ୍ୟନ୍ତ କର୍ମଠ। ଦାୟିତ୍ୱ ନେବାରେ ସର୍ବାଗ୍ରେ, ପ୍ରଚଣ୍ଡ ସହନଶୀଳତା, ଅତ୍ୟନ୍ତ ସ୍ନେହୀ ଓ ପରୋପକାରୀ ପ୍ରଭୃତି ବହୁ ପ୍ରତିଭାର ଅଧିକାରିଣୀ ଥିଲା ସେ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ଓ ତତ୍‌ଉପ୍ନନ ସମସ୍ୟାକୁ ସମାଧାନ କରିବାର କ୍ଷମତା ତା ପାଖରେ ଥିଲା। ଛୁଆବେଳେ ମୁଁ ଅତ୍ୟନ୍ତ ଦୁଷ୍ଟ ଥିଲି। ତା ପରେ ଅଜା ଘରେ ଦୁଷ୍ଟାମିର ମାତ୍ରା ପ୍ରବଳ ବଢ଼ିଯାଇଥିଲା। ମୋର ଦୁଷ୍ଟାମି ଜନିତ ସମସ୍ତ ସମସ୍ୟାର ସମାଧାନ ପ୍ରାୟତଃ ମାଉସୀ ଓ ଅଜା କରି ଦେଉଥିଲେ। ଯେହେତୁ ମାଉସୀ ଗାଁର ଛୋଟ ବଡ଼ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଥିଲା। ତା ବିଷୟରେ ଲେଖିଲେ ଏକ ବହି ହୋଇଯିବ।

ସୁରିଆ ମଉସା, ଦଶରଥ ମଉସା, କବିତା-ସୁଶିଳା ମାଉସୀ, ପ୍ରଶାନ୍ତ, ସୁଶାନ୍ତ, ଶ୍ରୀକାନ୍ତ, ପ୍ରଜ୍ଞା, ସ୍ୱପ୍ନା, ସୁବ୍ରତ, ମୋନାଲି, ପ୍ରିୟାଂଶୀ, ଶ୍ରେୟାଂସୀ ତଥା ପରିବାର ବର୍ଗ ସମସ୍ତଙ୍କ ପାଇଁ ତା'ର ସ୍ୱଳ୍ପ ରହଣୀକାଳରେ ସୁଚାରୁ ରୂପେ ନିଜର ଦାୟିତ୍ୱ କର୍ତ୍ତବ୍ୟ ସମ୍ପାଦନ କରି ନିଜ ଗନ୍ତବ୍ୟ ପଥରେ ଚାଲିଯାଇଛି। କେବେ କିଛି କାହା ପାଖରୁ ଆଶା କରିନାହିଁ।

ମାଉସୀ ତୁ ଯେଉଁଠି ବି ଥାଆ ଭଲରେ ଥାଆ..., ଶାନ୍ତିରେ ଥାଆ ତୋର ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ କରୁ ଏହା ହିଁ ପ୍ରଭୁଙ୍କ ନିକଟରେ ଆମ ସମସ୍ତଙ୍କ ପ୍ରାର୍ଥନା।

ଇତି
ସ୍ନେହର ପବିନ








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପନ୍ତୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୦୨**

# ପେଗାସସ୍ କାଣ୍ଡ କିଛି ନୂଆକଥା ନୁହେଁ

ଫୋନ୍ ଗୁଇନ୍ଦାଗିରିରେ ଜନସାଧାରଣ ସନ୍ଦିହାନ। ଫୁଲିଆଇ କହୁଛି ନେତାମାନେ ପବ୍ଲିକ ଫିଗର୍, ଏତେ ଭଲଲୋକ ବୋଲି ଆମେମାନେ ଭୋଟଦେଇ ସଂସଦ ଓ ବିଧାନସଭାକୁ ପଠାଇଛେ। ତଥାପି ଏମାନେ ଏମିତି କ'ଣ ସବୁ କଥା ହୋଉଛନ୍ତି ଯେ ତା'ଙ୍କ ଫୋନ୍ ଟ୍ୟାପିଂ ହେବାରୁ ଦେଶରେ ଜରୁରୀକାଳିନ ପରିସ୍ଥିତିଠାରୁ ବି ଭୟଙ୍କର ପରିସ୍ଥିତି ବୋଲି ଗଣମାଧ୍ୟମରେ କହିବୁଲୁଛନ୍ତି। ସବୁଠାରୁ ଦୁଃଖ ବେଶୀ ମମତା ଦିଦିଙ୍କର। କେହିକେହି କହୁଛନ୍ତି ସିଏ ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଛନ୍ତି ବୋଲି ଘରଘର ବୁଲି ସମର୍ଥନ ମାଗୁଛନ୍ତି। ଆଉ କେହିକେହି କହୁଛନ୍ତି ମୋଦି ବିରୁଦ୍ଧରେ କିଛି ଷଡଯନ୍ତ୍ର ହେଉଛି। ଯାହାହେଉନା କାହିଁକି ୨୦୨୪ରେ ନିର୍ବାଚନ ଜମିବ। ବିଗତ ଦୁଇଥର ପରି ଫୁଲଦଳର ଚମକ ନାହିଁ କି ମୋଦିଙ୍କର ଆତ୍ମବିଶ୍ୱାସ ଟିକେ କମିଲା ପରି ଅନୁଭୁତ ହେଉଛି। ଓଡିଶାରେ ନନାଙ୍କୁ ନାତମାରି ଟୁଟୁକୁ ମନ୍ତ୍ରୀ କରିବା ଓଡିଆଙ୍କର ହଜମ ହେଉନି। ତେଣୁ ଏଥର ଏକତର'। ହେବାର ସମ୍ଭାବନା ଆଦୌ ନାହିଁ ହେଲେ ମୋଦିଙ୍କର ବିକଳ୍ପ ବିରୋଧିଦଳରେ ସେମିତି ସର୍ବ ମାନ୍ୟ ତୁଙ୍ଗ ଅଭିଜ୍ଞ ନେତା କେହି ଦିଶୁନାହିଁ। ସତକହିବାକୁ ଗଲେ ଶରଦ ପାୱାରଙ୍କ ଠାରେ ସେ ବଳ ଏବଂ ସମୟ, ଦୁଇଟିଯାକ ନାହିଁ। ମମତାଙ୍କର ଗତ ନିର୍ବାଚନରେ ଯେଉଁ ଚେହେରା ସାମ୍ନାକୁ ଆସିଛି, ସେସବୁକୁ ବିଶ୍ଲେଷଣ କଲେ ତା'ଙ୍କୁ ଜଣେ ପ୍ରଧାନମନ୍ତ୍ରୀ ଭାବରେ ଦେଖିବାକୁ ହିନ୍ଦୁସ୍ଥାନୀ ପସନ୍ଦ ନକରିପାରନ୍ତି। ସେସବୁ ତ ସମୟ କହିବ ହେଲେ ଏବେ ଯେଉଁ ପେଗାସସ୍ ଝଡ ଭାରତର ରାଜନୈତିକ ଆକାଶକୁ ଅନ୍ଧାରକରି ସବୁ ବିରୋଧିଦଳକୁ ଖଣ୍ଡିଆଭୂତ ପରି ଉପରକୁ ଉଠଉଛି, ଭବିଷ୍ୟତ କ'ଣ? ଆମ ପଡୋଶୀ ଆନ୍ଧ୍ରକୁ ଏ ଝଡ ଛୁଁଇନି। ସେମାନେ ବିହଙ୍ଗାବଲୋକନ ପୂର୍ବକ ବସିଛନ୍ତି, ଦେଖାଯାଉ କୁଆଡକୁ ଯାଉଛି! ଗୋଟିଏ ଗୋଟିଏ ବଦଳରେ ଆମଦେଶରେ



ଇଂ.ବିଦ୍ୟାଧର ପଣ୍ଡା

ଏକାଠି ଘାଉଁରେଇ ସେମାନଙ୍କ ଓଡିଶା ଏବଂ ଏପର୍ଯ୍ୟନ୍ତ ପରିସ୍ଥିତିକୁ ଶାନ୍ତହୋଇ କୋଉ ପାଣି ମାମଲା ଗୋଟିଏ ଗୋଟିଏ ନେତା ତଆରି ହୋଇଛନ୍ତି। ବୋଫର୍ସଘୋଟାଲା ଉଜାଗର କରି ଭିପି ସିଂ ପ୍ରଧାନମନ୍ତ୍ରୀ। ସେହି ଶିକ୍ଷାପାଇ ରାହୁଲବାବା ରାଫେଲ୍‌କୁ ଚଲେଇଲେ ଯେ ହେଲେ ତା'ଙ୍କ ହାତରେ ସେଗୁଡା ଚାଇନାମାଲ୍ ପରିକା ଧୋକାଦେଲା। ନ୍ୟାୟାଳୟ ବାଟ ଜଗିଲା ଏବଂ ଲୋକେ ବିଶ୍ୱାସ କଲେନି। ଏଇ ଦିଦି ବି ସିନ୍ଦୁର ପ୍ରକଳ୍ପ ଯୋଗୁଁ ଏତେବର୍ଷ ହେଲାଣି ମୁଖ୍ୟମନ୍ତ୍ରୀ। ଏମିତି ନେତାଙ୍କ ଚିଠା ବହୁତ ଲମ୍ବା, ହେଲେ ଆଜିର ସନ୍ଦର୍ଭରେ ଏହି ପେଗାସସ୍ ଝଡ କ'ଣ ସତରେ ବିରୋଧିଙ୍କୁ କିଛି ଦେଇପାରିବ! ଦିଦି ତା'ଙ୍କର ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି, କିନ୍ତୁ ବାହାରେ କିଛି ଜଣାଉନାହାନ୍ତି। ତାଙ୍କ ହିସାବରେ ସିଏ ରାହୁଲ ଏବଂ ସୋନିଆଙ୍କ ସାଙ୍ଗରେ ଚା ପିଇବାକୁ ସୁଦୂର ପଶ୍ଚିମବଙ୍ଗ କୋଲକତାରୁ ଦିଲ୍ଲୀ ଯାଇଥିଲେ। ସୌଜନ୍ୟମୂଳକ ସାକ୍ଷାତକାର। ବଡଲୋକଙ୍କ କଥା, ଆମେ ବା ବୁଝିବା କେମିତି? ପ୍ରଶାନ୍ତ କିଶୋର ଯେଉଁ ଘାଁଇଘାଁଇ ବୁଲୁଛନ୍ତି, ସିଏ ସେ ବିଷୟରେ କିଛି ଜାଣନ୍ତିନି। କେଇ ମୁହୂର୍ତ୍ତପାଇଁ ଆମେ ଯଦି ଭାବିନେବା ଯେ ବଜେପି ବିରୁଦ୍ଧରେ ବାକି ସମସ୍ତେ ଲଢି ବିଜୟ ହୋଇଗଲେ, ଏଚ୍ ଡି ଦେବାଗୌଡା ପ୍ରଧାନମନ୍ତ୍ରୀ ହୋଇ କାନ୍ଦିଲା ପରି ଜଣେ କିଏ ସେ ଗଣ୍ଠାଗୋଦଡି ସିଲେଇରେ ଦକ୍ଷନେତା ସରକାରର ମୁଖିଆ ଭାବରେ ଚଉକିରେ ବସି ଶାସନ କରିକରି କାନ୍ଦିବେ। ଭାରତର ବିକାଶ, ବିଦେଶ ନୀତି, ଅର୍ଥନୀତି ଏବଂ ଆନ୍ତରିକ ପ୍ରଶାସନିକ ଗତିବିଧି ନିୟନ୍ତ୍ରଣ ବାହାରକୁ ଯାଇ ଅକ୍ଟୋପସ୍ ଜୀବପରି ଆଠଦିଗକୁ ଏକସମୟରେ ଗତି କଲାବେଳେ ଟାଣିଓଟାରି ହୋଇ ମରିଯିବ। ଏହାହିଁ ଘଟିବ, ବାରଭାଇ ତେରଅଖଡାରେ କ'ଣ ବିକାଶ ସମ୍ଭବ! ଏଥିରେ କେବଳ ସ୍ୱାର୍ଥସାଧନ ହେବ ଏବଂ କିଛି ସ୍ୱାର୍ଥୀନେତାଙ୍କର ବିକାଶ ହୋଇପାରେ ହେଲେ ଦେଶଦଶର ଉନ୍ନତି ଆଦୌ ସମ୍ଭବ ନୁହେଁ। କାହାର ବ୍ୟକ୍ତିଗତ କଥାବାର୍ତ୍ତା ଲୁଚିଛପି ଟ୍ୟାପିଂ କରିବା ଅନୁଚିତ୍। ଏତ୍‌ଦ୍ୱାରା ନାଗରିକର ମୌଳିକ ଅଧିକାର ଖନନ ହେଉଛି। ହେଲେ ଯଦି ଦେଶରେ ସଂନ୍ତ୍ରାସବାଦର ବହୁଳ ପ୍ରଚରପ୍ରସାର ସହ ଦଙ୍ଗା ଯୋଜନା କିଏ କରୁଥାଏ ତେବେ ସେମାନଙ୍କ ଫୋନ୍ ଟ୍ୟାପିଂ କଲେ ଲୋକମାନଙ୍କ ଧନଜୀବନ ବଂଚେଇହେବ। ତେଣୁ ପିଙ୍ଗଳ କୋର୍ଡର ଧାରା-୨୧ ସହ ଅନ୍ୟଦିଗମାନଙ୍କୁ ମଧ୍ୟ ତର୍ଜମା କରିବା ଅନିବାର୍ଯ୍ୟ। ସମସ୍ତଙ୍କର ମୌଳିକ ଅଧିକାର ଯଥା ବଂଚିବାର ଅଧିକାର, ନିର୍ଭିକଭାବରେ ମତାମତ ପରିପ୍ରକାଶର ଅଧିକାର ଏବଂ ନିଜି ବ୍ୟାପାରରେ ଗୋପନିୟତା ଅଧିକାର ଅକ୍ଷୁର୍ଣ୍ଣ ରହିବାକୁ ସରକାରଙ୍କ ପ୍ରତିବଦ୍ଧତା ବାଂଛନିୟ। କିନ୍ତୁ ଅପରପକ୍ଷରେ ଜନସାଧାରଣଙ୍କର ଧନଜୀବନ ସୁରକ୍ଷା ଦେବା ବି ସରକାରର ଏକାନ୍ତ କର୍ତ୍ତବ୍ୟ। ସେଥିପାଇଁ ଫୋନ୍‌ଟ୍ୟାପିଂ କରିବାକୁ ସ୍ୱତନ୍ତ୍ରପ୍ରକ୍ରିୟା ଆଇନିରେ ଅଛି ଏବଂ ଏହାକୁ ସମସ୍ତ ପୂର୍ବସରକାର ସମୟସମୟରେ ଆପଣେଇ ଆନୁସଂଗିକ କାର୍ଯ୍ୟନୁଷ୍ଠାନ କରିଛନ୍ତି। ତେଣୁ ଜରୁରୀକାଳିନ ପରିସ୍ଥିତି ସାଙ୍ଗରେ ଏହା ସମାନ ବୋଲି କହିବା ଉଚିତ୍ ହେବନି କି ଏହି ପେଗାସସ୍ କାଣ୍ଡ କିଛି ନୂଆକଥା ନୁହେଁ।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧,
bdpanda1@gmail.com

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଲାଭଦାୟୀ ପଦ ଓ ନିର୍ବାଚିତ ପ୍ରତିନିଧି

ଭାରତ ଭଳି ଗଣତାନ୍ତ୍ରୀକ ରାଷ୍ଟ୍ରରେ ସମ୍ବିଧାନ ଏକ ବଳିଷ୍ଠ ଅସ୍ତ୍ର । ସମ୍ବିଧାନକୁ ଆଧାର କରି ଦେଶର ଶାସନ ବ୍ୟବସ୍ଥା ଚାଲି ଆସୁଅଛି । ଆମ ଦେଶର ବିଧି ବ୍ୟବସ୍ଥା ଉପରେ ସମସ୍ତ ନାଗରିକଙ୍କର ଅଖଣ୍ଡ ବିଶ୍ୱାସ ରହିଛି । ଯାହା ଫଳରେ ଦେଶର ଗଣତନ୍ତ୍ର ସୁଦୃଢ ରହିଛି ବୋଲି ଆମେ ମୁକ୍ତ କଣ୍ଠରେ କହି ପାରୁଛନ୍ତି । ଆମ ଦେଶର ଶାସନ ବ୍ୟବସ୍ଥା ତିନୋଟି ସ୍ତମ୍ଭ ଉପରେ ଛିଡା ହୋଇଛି । ଦେଶ ବ୍ୟବସ୍ଥାପକ, ନ୍ୟାୟପାଳିକା ଓ କାର୍ଯ୍ୟପାଳିକାକୁ ନେଇ ଉତମ ସମ୍ପର୍କ ରଖି କାର୍ଯ୍ୟ କରୁଥିବା ହେତୁ ଏକ ପ୍ରଗତିଶିଳ ରାଷ୍ଟ୍ରର ମାନ୍ୟତା ପାଇଛି । ଦେଶର ପ୍ରାକ୍ ସ୍ୱାଧିନତାର ଅବସ୍ଥିତି ଓ ଆଜିର ଅବସ୍ଥିତି ଭିତରେ ଏକ ବିରାଟ ପରିବର୍ତନ ହୋଇପାରିଛି । ଭାରତକୁ ସ୍ୱାଧିନ କରିବାପାଇଁ ଯେଉଁ ମହାପୁରୁଷମାନେ ଉତ୍ସର୍ଗିକୃତ ଭାବେ କାର୍ଯ୍ୟ କରି ଆପ୍ରାଣ ସଂଗ୍ରାମ କରିଥିଲେ ଓ ସେମାନଙ୍କର ନିସ୍ୱାର୍ଥପର ସେବା ଯୋଗୁଁ ଭାରତବର୍ଷ ଆଜି ମୁଣ୍ଡ ଟେକି ଠିଆ ହୋଇପାରିଛି, ସେମାନଙ୍କର ବଳିଦାନ ଆଜି ସ୍ମରଣ କରିବାର ଆବଶ୍ୟକତା ରହିଛି । ସ୍ୱାଧିନ ପରେ ଦେଶ ଗଣତନ୍ତ୍ରକୁ ଆପଣେଇ ଆମେ ଚଳାଇବୁ ଦେଶ ଆମରି ନ୍ୟାୟରେ ସମ୍ବିଧାନ ପ୍ରଣୟନ କରି ସେହି ଖସଡାରେ ଦେଶର ଶାସନକୁ ଦୃଢିଭୁତ କରାଗଲା । ଆମ ଦେଶର ବିଜ୍ଞ ଲୋକମାନେ ଆଗକୁ ଆସି ଦେଶର ମଙ୍ଗ ଧରି ଦେଶକୁ ଆଗକୁ ନେବାରେ ସାରଥି ସାଜିଲେ । କ୍ରମେ ରାଜନୀତି ଏକ ପେଷା ରୂପେ କିଛି ଲୋକ ଗ୍ରହଣ କରି, ତାହାକୁ ନିଜର ଉପାର୍ଜନର ଏକ ମାଧ୍ୟମ ରୂପେ ଗ୍ରହଣ କରି ନେଲେ । ଫଳରେ ଦେଶରେ ନିର୍ବାଚନ ଲଢିବା ପାଇଁ ବିଜ୍ଞ ଲୋକମାନଙ୍କର ସଂଖ୍ୟା କମିଲା ଓ ଧନାଢ୍ୟ, ସ୍ୱାର୍ଥପର, ଅପରାଧିମାନଙ୍କର ସଂଖ୍ୟା ରାଜନୀତିରେ ବଢିଲା । କ୍ଷମତା ପାଇଁ ଲୋକଙ୍କ ମଧ୍ୟରେ ନାହିଁ ନ ଥିବା ପ୍ରତିଯୋଗିତା ହେଲା ଓ ନିର୍ବାଚନରେ ଅର୍ଥବଳ, ବାହୁବଳ ଓ ମିଥ୍ୟାବଳ ଦ୍ୱାରା କ୍ଷମତା ହାତେଇବାକୁ ରାଜନୀତିଆଙ୍କ ଭିତରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସଂଗ୍ରାମ ଚାଲିଲା । ନିର୍ବାଚନରେ ପ୍ରଚୁର ଅର୍ଥ ଖର୍ଚ୍ଚ କରି କ୍ଷମତା ହାତେଇବା ପରେ ସେହି ଅର୍ଥକୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସଂଗ୍ରହ ପାଇଁ ବିଭିନ୍ନ ରାସ୍ତା ଖୋଜିବାରେ ରାଜନୀତିଆମାନେ ବ୍ୟଗ୍ର ହେଉଥିବା ଦେଖାଯାଉଛି । ଫଳରେ ସମ୍ବିଧାନ ଅନୁସାରେ କଣ କରିବାକୁ ହେବ ବା କଣ କରିବା ପାଇଁ ବାରଣ ରହିଛି, ତାହାକୁ ଜାଣିଥିଲେ ବି ଆଖି ବନ୍ଦ କରି ସ୍ୱାର୍ଥାନ୍ଧ ହେବାକୁ ନେତାମାନେ ଆଗଭର ହେଉଥିବା ଦୃଷ୍ଟିକୁ ଆସୁଛି । ସମ୍ବିଧାନ ଅନୁସାରେ ଜଣେ ସଂସଦର ସାଂସଦ ହେବାକୁ ହେଲେ ତାଙ୍କର ଯୋଗ୍ୟତାକୁ ଯେଭଳି ଭାବରେ ଆଲୋଚନା କରାଯାଇଛି, ସେହିଭଳି ଭାବରେ ସାଂସଦକୁ ଅଯୋଗ୍ୟ ଘୋଷଣା କରିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ଆଜିର ଏହି ଆଲେଖ୍ୟରେ ଆମେ ସମ୍ବିଧାନରେ ଥିବା ସାଂସଦମାନଙ୍କୁ ଅଯୋଗ୍ୟ ପାଇଁ କି କି ବ୍ୟବସ୍ଥା ରହିଛି ତାରି ଉପରେ ଆଲୋଚନା କରିବା । ସମ୍ବିଧାନର ଅନୁଚ୍ଛେଦ ୧୦୨ରେ ରହିଛି ସାଂସଦମାନଙ୍କୁ କିଭଳି ଅଯୋଗ୍ୟ ଘୋଷଣା କରାଯାଇପାରିବ ଓ ଅନୁଚ୍ଛେଦ ୧୯୧ରେ ରହିଛି ରାଜ୍ୟମାନଙ୍କରେ ନିର୍ବାଚିତ ହୋଇଥିବା ବିଧାୟକଙ୍କ ପାଇଁ । ଅନୁଚ୍ଛେଦ ୧୦୨(୧) ଅନୁସାରେ ଜଣେ ସାଂସଦ ଯଦି ଭାରତ ସରକାର ବା କୌଣସି ରାଜ୍ୟ ସରକାରଙ୍କ ଅଧିନରେ ଲାଭଦାୟୀ ପଦରେ ରୁହନ୍ତି, ତେବେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବ, କିନ୍ତୁ ରାଷ୍ଟ୍ରପତି ହିଁ ନିର୍ବାଚନ ଆୟୁକ୍ତଙ୍କ ମତାମତକୁ ନେଇ ଅଯୋଗ୍ୟ ଘୋଷଣା କରିବେ, ତା ପୂର୍ବରୁ



ଗୋପାଳ ଚନ୍ଦ୍ର ନାଥ

ନୁହେଁ ।(ଅନୁଚ୍ଛେଦ-୧୦୩) ଦେଖାଯାଉଛି ଏବେ ସମ୍ବିଧାନକୁ ଆଖିଠାର ମାରିଲା ଭଳି କିଛି ସଦସ୍ୟ ଲାଭଦାୟୀ ପଦରେ ରହି କାର୍ଯ୍ୟ କରୁଛନ୍ତି । ଯାହାକି ପରବର୍ତି ମୁହୁର୍ତରେ ସେମାନଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୦୨ଅନୁଯାୟୀ ରାଷ୍ଟ୍ରପତିଙ୍କ ପାଖରେ ଫେରାଦ ହେବାକୁ ପଡିଛି । ରାଜ୍ୟସଭା ସାଂସଦ ବିଜୟସାଇ ରେଡ୍ଡିଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ନେଇ ଏକ ଦରଖାସ୍ତ ଦିଆଯାଇଥିଲା ଯେ ସେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଆନ୍ଧ୍ରପ୍ରଦେଶ ଭବନରେ ଦାୟିତ୍ୱ ନେଇଥିଲେ । ସେ ଆନ୍ଧ୍ରପ୍ରଦେଶର ଶାସକ ଦଳର ସାଂସଦ ଥିଲେ । ତାଙ୍କର ସେହି ପଦବିଟି ଲାଭଦାୟୀ ପଦ ହୋଇଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିଲା । ଯାହାହେଉ ନିର୍ବାଚନ ଆୟୁକ୍ତ ତାଙ୍କ ମତାମତରେ ଦେଇଥିଲେ ଯେ ସେ ସେଭଳି ଲାଭ କୌଣସି ପ୍ରକାର ଗ୍ରହଣ କରିନାହାନ୍ତି, ରାଜ୍ୟ ଅତିଥି ବ୍ୟତିରେକ କୌଣସି ଦରମା ବା ଗାଡିର ଲାଭ ପାଇନାହାନ୍ତି । ଏଣୁ ତାଙ୍କୁ ତାଙ୍କ ପଦବିରୁ ଅଯୋଗ୍ୟ ଅଗ୍ରାହ୍ୟ ହେଲା । ଲୋକ ପ୍ରତିନିଧିମାନେ କୌଣସି ପ୍ରକାର ଅନୁକମ୍ପା କାର୍ଯ୍ୟନିର୍ବାହୀଙ୍କଠାରୁ ଆଶା କରିବେ ନାହିଁ ବା ସେମାନଙ୍କ ଦ୍ୱାରା ପ୍ରଭାବିତ ହେବେ ନାହିଁ ବୋଲି ସମ୍ବିଧାନ ପ୍ରଣେତା ଏହି ଅନୁଚ୍ଛେଦଟିକୁ ରଖିଥିବା ସମ୍ବିଧାନ ବିଶେଷଜ୍ଞଙ୍କ ମତ । ଅନ୍ୟ ପକ୍ଷରେ କହିବାକୁ ଗଲେ ସରକାରଙ୍କ କୌଣସି ପ୍ରକାର ସାହାଯ୍ୟ ବା ଚାପକୁ ନ ଦେଖି ସାଂସଦ ବା ବିଧାୟକ ମୁକ୍ତ ଭାବରେ କାର୍ଯ୍ୟ କରିବେ । ଲାଭଦାୟୀ ପଦ ବିଷୟରେ ଲୋକ ପ୍ରତିନିଧି ଆଇନ ୧୯୫୧ରେ ସେଭଳି କୌଣସି ସଙ୍ଗ୍ୟା ଦେଇନାହିଁ । ଫଳରେ ଏହାର ସଙ୍ଗ୍ୟା ସମ୍ପୁର୍ଣ୍ଣ ଭାବରେ ନ୍ୟାୟପାଳିକାର ମତାମତ ଆଧାରରେ କରାଯାଉଥିବା ଜଣାଯାଉଛି । ଦିଲ୍ଲୀର ୨୦ ଜଣ ଆମ ଆଦମୀ ପାର୍ଟିର ସଦସ୍ୟଙ୍କୁ ଲାଭଦାୟୀ ପଦରେ ଥିବା ହେତୁ ୨୦୧୮ ମସିହା ଜାନୁୟାରୀ ମାସରେ ସେମାନଙ୍କୁ ଅଯୋଗ୍ୟ କରିବା ପାଇଁ ନିର୍ବାଚନ ଆୟୁକ୍ତ ଅନୁମୋଦନ କରିଥିଲେ । ଫଳରେ ସେମାନଙ୍କୁ ସଂସଦିୟ ସଂପାଦକ ପଦରୁ ଅବ୍ୟାହତି ନେବାକୁ ପଡିଥିଲା । ସେହିଭଳି ଅଗଣତାନ୍ତ୍ରିକ ଭାବେ ଆଗରୁ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତେଲେଙ୍ଗନା, ନାଗାଲାଣ୍ଡ, ମେଘାଳୟ, ଅରୁଣାଚଳ ପ୍ରଦେଶ, ପାବ, ମିଜୋରାମ ଓ ମଣିପୁର ଆଦି ରାଜ୍ୟମାନଙ୍କରେ ଏହିଭଳି ଲାଭଦାୟୀ ପଦରେ ସଦସ୍ୟମାନେ ରହିଥିବାର ନଜିର ରହିଛି । ପଶ୍ଚିମବଙ୍ଗ, ତେଲେଙ୍ଗନା ଓ ପାବର ଉଚ୍ଚ ନ୍ୟାୟାଳୟ ଏହାକୁ ଅଗଣତାନ୍ତ୍ରିକ କହି ସମସ୍ତ ନିଯୁକ୍ତିକୁ ବାତିଲ କରିଥିଲେ । କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ କିନ୍ତୁ ନିଯୁକ୍ତିକୁ କୌଣସି ଆଦେଶ ନ ଦେଇ ଆଜିଯାଏ ଝୁଲାଇ ରଖିଛି । ରାଜସ୍ଥାନ ସରକାର ୨୦୧୭ ମସିହାରେ ଏକ ବିଲ ପାସ କରି ଏହାକୁ ସାମ୍ବିଧାନିକ ବୋଲି ବିବେଚନା କରୁଛି, ଯାହାକି ଅଦାଲତରେ ତାର ବୈଧତା ନେଇ ଚ୍ୟାଲେ କରାଯାଇଛି । ଏସବୁ ଆଲୋଚନାର ମୂଳ ଆଧାର ହେଲା ଏବେ ରାଜ୍ୟ ସରକାର କିଛି ବିଧାୟକଙ୍କୁ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇ ବିରୋଧର ଶରବ୍ୟ ହୋଇଛି । ରାଜସ୍ଥାନ ସରକାରଙ୍କ ଭଳି ଓଡିଶା ସରକାର ଆଇନର ସଂଶୋଧନ କରି ଏଭଳି ପଦକ୍ଷେପ ନେଇଛି । କିନ୍ତୁ ସୁପ୍ରିମ କୋର୍ଟ ଆସାମ ସଂସଦିୟ ସଂପାଦକ(ନିଯୁକ୍ତି, ଦରମା, ଭତା ଓ ଅନ୍ୟାନ୍ୟ ସୁବିଧା) ଆଇନକୁ ରଦ୍ଦ କରିଦେଇ ଥିବାରୁ ଏହାର ବୈଧତା ନେଇ ସନ୍ଦେହ ଉପୁଜିଛି । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ରାଜ୍ୟ ପାହିଆ ମନ୍ତ୍ରୀର ସମସ୍ତ ସୁବିଧା ସୁଯୋଗ ମଧ୍ୟ ଦିଆଯାଉଛି । ଏଠାରେ ଆଉ ଗୋଟିଏ କଥା ମଧ୍ୟ ମୁଣ୍ଡକୁ ଆସୁଛି ଯେ ଓଡିଶା ସରକାରଙ୍କ ଅଧିନରେ କେତେ ଜଣ ମନ୍ତ୍ରୀ ରହିବା କଥା ଓ ସେମାନଙ୍କ ବାଦ ଆଉ କେତେଜଣଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀର ମର୍ଯ୍ୟଦା ପ୍ରଦାନ କରିଛନ୍ତି । ରାଜ୍ୟର ବିଧାନସଭାର ସଂଖ୍ୟାକୁ ଦେଖିଲେ ଓଡିଶାର ମନ୍ତ୍ରୀ ସଂଖ୍ୟା ଅଧିକ ଅଛନ୍ତ, ତା'ବାଦ ଏଭଳି ଘୋଷିତ ମନ୍ତ୍ରୀ ପନ୍ଦରରୁ ଅଧିକ । ଏହା ଦ୍ୱାରା ଆମ ରାଜ୍ୟର ରାଜସ୍ୱର କ୍ଷତି ଘଟୁଛି । କୌଣସି କାରଣ ନ ଥାଇ ମନ୍ତ୍ରୀ ପଦରେ ବସାଇ ରାଜ୍ୟ ଅର୍ଥକୋଷକୁ ବେଅର୍ଥରେ ଖର୍ଚ୍ଚ କରାଯାଉଛି । ଏଭଳି ତୁଷ୍ଟି କରଣ ରାଜନୀତି ଓଡିଶାବାସୀଙ୍କ ପେଟକୁ ନାତ ମାରିଲା ଭଳି ଲାଗୁଛି । ଏଣୁ ସରକାର ଏ ହିନ ରାଜନୀତିରୁ ନିଜକୁ ଦୂରେଇ ରଖି ଦେଶର ହିତ ପାଇଁ ଜନସେବାରେ ଅର୍ଥ ବିନିଯୋଗ କଲେ ଓଡିଶାବାସୀ ଉପକୃତ ହେବା ସହ ରାଜ୍ୟର ମଙ୍ଗଳ ହେବ ।

ସାମ୍ବାଦିକ, ଅନୁଗୋଳ
ମୋ- ୯୪୩୭୨୯୦୬୬୨

# ଆଜିର ନେତା: ତାଙ୍କ ନୀତି ଓ ନେତୃତ୍ୱ

ଆଲେଖ୍ୟଟିର ଶିରୋନାମା ବିଷୟରେ ଆଲୋଚନା କଲାବେଳେ ଶ୍ରୀମଦ୍ ଭଗବତ୍ ଗୀତାର ସେହି ଆପ୍ତ ବାକ୍ୟଟି ମନେ ପଡିଥାଏ। ଯାହା ହେଲା " ଯଦ୍‌ଯଦା ଚରତିଶ୍ରେଷ୍ଠସ୍ତତ ଦେବେତରୋ ଜନଃ, ସୟତ୍ ପ୍ରମାଣଂ କୁରୁତେ ଲୋକ ସ୍ତଦନୁବର୍ତ୍ତତେ"। ଦେଶ ତଥା ସମାଜରେ ଶ୍ରେଷ୍ଠ, ବିଶିଷ୍ଟ ଓ ସମ୍ମାନସ୍ପଦ ମୁରବୀ ବା କ୍ଷମତାରୁଢ ବ୍ୟକ୍ତି ଯେଉଁ ଆଚରଣ କରି ଯାହା ପ୍ରମାଣ କରିଦିଅନ୍ତି ତାକୁ ସମସ୍ତ ସମାଜ ଓ ସାଧାରଣ ଜନତା ଠିକ୍ ବୋଲି ଭାବି ଅନୁସରଣ ଓ ଅନୁକରଣ କରିଥାନ୍ତି। ଯାହାର ରାଶି ରାଶି ଉଦାହରଣ ବିଭିନ୍ନ ପୁରାଣ ତଥା ଇତିହାସ ପୃଷ୍ଠାରେ ମିଳିଥାଏ। ସେହି ପରିପ୍ରେକ୍ଷୀରେ ଯଦି ବିଚାର କରାଯାଏ ତେବେ ଆଜିକାର ନେତା, ପ୍ରତିନିଧି, ବିଧାୟକ, ସାଂସଦ ମନ୍ତ୍ରୀ ତଥା ଶ୍ରେଷ୍ଠ ବିଶିଷ୍ଟ ମାନଙ୍କର ଚରିତ୍ର, ଆଚରଣ, ଉଚ୍ଚାରଣ କଥନି, କରଣୀ କାର୍ଯ୍ୟପଦ୍ଧତି ପ୍ରଶାସନିକ ଦକ୍ଷତା, ବିଚାର ଶୈଳୀ, ଶିକ୍ଷା ପ୍ରଣାଳୀ ଇତ୍ୟାଦିକୁ ଯଦି ଭବିଷ୍ୟତର ପିଢୀ ଗ୍ରହଣ କରେ ତେବେ ଉକ୍ତ ପୀଢି କେଉଁ ମାର୍ଗରେ ଗତି କରିବେ ତାହା ମୋର ପ୍ରିୟ ପାଠକେ ବିଚାର କରିବେ। ଆଜିର ସମାଜରେ ଜଣେ ଯେତେ କଳୁଷିତ, ଦୁର୍ନୀତି ଯୁକ୍ତ, ଭ୍ରଷ୍ଟାଚାରୀ, ଚରିତ୍ରହୀନ ହୋଇଥିଲେ ମଧ ଥରେ ଯଦି ସେ ବିଧାୟକ, ସାଂସଦ, ମନ୍ତ୍ରୀ ହୋଇଗଲେ ତେବେ ଆମ ସାମ୍ପ୍ରତିକ ବୁଦ୍ଧିଭ୍ରଷ୍ଟ ଜନତା ଉପରିସ୍ତ ଫମ୍ପା ଉପଢୌକନରେ ଆଚ୍ଛାଦିତ ଏହି ଅନ୍ତଃସାର ଶୂନ୍ୟ ମେରୁଦଣ୍ଡହୀନ ସରିସୃପମାନଙ୍କୁ, ସମସ୍ତ ଲଘୁ ବୃହତ ଆଡମ୍ବର ବା କାର୍ଯ୍ୟକ୍ରମରେ ସାମିଲ କରି ସେହିମାନଙ୍କୁ ବିଶିଷ୍ଟ ପୁରୋଧା ଭାବେ ଗ୍ରହଣ କରୁଛନ୍ତି। ଯାହା ସମାଜ ପାଇଁ ଶୁଭଙ୍କରୀ ନୁହେଁ। ଏହା ଫଳରେ ସମାଜରେ ଥିବା ଆଦର୍ଶବାଦୀ ନୀତି ସିଦ୍ଧାନ୍ତରେ ଅନୁପ୍ରାଣୀତ ବ୍ୟକ୍ତିମାନେ ଅପାଂକ୍ତେୟ ହୋଇଯାଆନ୍ତି। ସମାଜର ଭିତ୍ତିଭୂମି ଦୋହଲି ଯାଏ। ସେହି ରୁଗ୍ଣ ସମାଜରେ ନୀତିହୀନ ନେତୃତ୍ୱ ଯୋଗୁ ବ୍ୟଭିଚାର, ଅନାଚାରରେ



ଉମା ଶଙ୍କର ପ୍ରସାଦ

ସାମାଜିକ ବ୍ୟବସ୍ଥା କଳୁଷିତ ହୁଏ। ଐଶ୍ୱର୍ଯ୍ୟଶାଳୀ ଏଇ ଭାରତ ବର୍ଷର ସଂସ୍କୃତି ପରମ୍ପରାକୁ ସିଂହାବଲୋକନ କଲେ ଏହା ସୁସ୍ପଷ୍ଟ ଯେ ସ୍ୱର୍ଣ୍ଣମୟୀ ଲଙ୍କାର ଅଧିଶ୍ୱର ରାବଣ ପୂଜ୍ୟ ପୂଜାର ଅଧିକାରୀ ହୋଇନଥିଲା କିନ୍ତୁ ବଲ୍କଲବାସୀ ବନବାସୀ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କୁ ଏ ସଂସ୍କୃତି ସମସ୍ତ ଭକ୍ତି, ନୈବେଦ୍ୟ, ଶ୍ରଦ୍ଧାସୁମନ ଅର୍ପଣ କରିଆସୁଛି। ଏହି ପରି ପ୍ରେକ୍ଷୀରେ ଅମ୍ବାନି, ମିତଲ, ପୁଟିନ, ବୁଶ, ଓବାମା, ମନମୋହନ ଓ ମୋଦୀଙ୍କୁ ସାମୟିକ ସମ୍ମାନ ଦିଆ ଯାଉଥିଲେ ମଧ ମହାତ୍ମାଗାନ୍ଧୀ, ଉତ୍କଳ ମଣି, ମଧୁସୁଦନ, ଫକୀର ମୋହନ ଙ୍କୁ ଏ ଜାତି ବିନମ୍ର ଶ୍ରଦ୍ଧାଂଜଳି ଦେଇ ଆସୁଛି। ଏଥିରୁ ଅନୁମିତ ହୁଏ ଭାରତର ମୂଲ୍ୟବୋଧ, ଆଦର୍ଶ ସଂସ୍କୃତି, ପରମ୍ପରା ତଥାପି କେଉଁଠିନା କେଉଁଠି ମୁଷ୍ଟିମେୟ ଜନ ସମୁଦାୟଙ୍କ ଭିତରେ ଉଜ୍ଜିବିତ ରହିଛି। ଗୃହର ଅଭିଭାବକ, ମୁରବି, ମାତାପିତା ମଦ ମାତ୍ସର୍ଯ୍ୟରେ ବୁଡିରହି ବିଦେଶୀ ସଂସ୍କୃତିରେ ନିଜର ଅସ୍ତିତ୍ୱକୁ ହଜାଇ ଦେଲାପରେ ସନ୍ତାନ ସନ୍ତତିକୁ ନିଶା ନିବାରଣ, ସଂସ୍କୃତି ସମ୍ପନ୍ନ, ଆଦର୍ଶ ମୂଲ୍ୟବୋଧ ଚରିତ୍ର ଆଜି ଉପଦେଶ ଦେଲେ ତାହାଯେପରି ଫଳପ୍ରଦ ହୋଇନଥାଏ, ପରନ୍ତୁ ସମସ୍ତ ଅସାମାଜିକ କାର୍ଯ୍ୟରେ ପିଲାଟି ପ୍ରବୃତହୋଇ ପିତା ମାତାଙ୍କର ଉପର ଠାଉରିଆ ସ୍ୱଚ୍ଛ ଆଦର୍ଶ ପିଲାକୁ ପ୍ରଭାବିତ କରିନଥାଏ। ଠିକ ସେହିପରି ଆଜିକାର ରାଜନେତା ମାନଙ୍କର ଜୀବନ ପଦ୍ଧତି, ଆଚରଣ ଶୈଳୀ ଜନସମାଜରେ କୁ ପ୍ରଭାବ ପକାଇଥାଏ। ମାତ୍ର ଉପରଠାଉରିଆ ହାଲକା ନୀତି ଆଦର୍ଶ କଥା ଲୋକଙ୍କୁ ସ୍ପର୍ଶ କରିପାରେନା। ଏଣୁ କଥନି ଓ କରଣିର ସମନ୍ୱୟତା ଆବଶ୍ୟକ। ଆଜିର ରାଜନେତା ଓ ନେତୃତ୍ୱ ଜନସାଧାରଣଙ୍କୁ ସ୍ୱାଭିମାନରେ ବଂଚିବାର ସୂତ୍ର ନଶିଖାଇ ମାଗିଖିଆ ବନେଇଦେଇ ସଦାବେଳେ ହାତଟେକା ଦରବ ଉପରେ ନିର୍ଭର କରିବାର ସୂତ୍ର ଆପେଣଇ ଦେଇଛି। ସରକାରଙ୍କର ଟଙ୍କିକିଆ ଚାଉଳ, ଇନ୍ଦିରା ଆବାସଘର, ବି.ପି.ଏଲ କାର୍ଡ, ଯୁବଭତା, ବାର୍ଦ୍ଧକ୍ୟଭତା, ବିଧବାଭତା, କଳାକାର ଭତା ଏପରି ଅନେକ ଭତାକୁ ଜନସାଧାରଣ କରାଗ୍ରତ କରିବା ପାଇଁ ଛୋଟରୁ ବଡ ସ୍ତରରେ ଲା□, ପ୍ରୀୟାପ୍ରିତୀର କାରବାର କରିଥାନ୍ତି। ଆଜିର ନେତାଙ୍କ ନେତୃତ୍ୱରେ କୁତ୍ସିତ ପ୍ରବୃତି ଓ ପ୍ରଲୁବ୍ଧ ସ୍ୱାର୍ଥ ଜଳ ଜଳ ହୋଇ ଅନୁମେୟ। ରାଜନେତା ମାନେ ସ୍ୱଳ୍ପ ସମୟ ମଧରେ ଧନପତି ହେବାର ମହତ୍ୱାକାଂକ୍ଷାରେ ଦୁର୍ନୀତିର ମାର୍ଗ ଅନ୍ୱେଷଣ କରିବା, ଭୋକିଲା ଭୀକାରି ଭଳି ଅର୍ଥ ସଂଗ୍ରହ ପାଇଁ ଅସତ୍ ମାର୍ଗ ଅବଲମ୍ବନ କରିବା ଏକ ସହଜ ବେପାର ତଥା ସାର୍ବଜନୀନ ଧରାବନ୍ଧା ରାସ୍ତାରେ ପରିଣତ ହୋଇଛି। ରାଜନେତା ମାନଙ୍କର ଚତୁଃପାର୍ଶ୍ୱରେ ଘୁରି ବୁଲୁଥିବା ଅମଲାଗୋଷ୍ଠୀ, ଯନ୍ତ୍ରୀ, ଠିକାଦାର, ବିଲଡର, ମାଫିଆ, ଟାଉଟର କୁଜିନେତା ଓ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ଭାଇବନ୍ଧୁ ବିରାଦର ମାନେ ଓ ସର୍ବୋପରି ଭୋଟଦାତାମାନେ ମଧ ଏହି ଅସତ୍ ମାର୍ଗରେ ସଂସ୍ଲିଷ୍ଟ ହୋଇ ପଡନ୍ତି। ବିନା ପୁଂଜି ନିବେଶରେ ପାଂଚବର୍ଷ ମଧରେ କୋଟିପତି ହୋଇ ଚଉଦ ପୁରୁଷଙ୍କ ପାଇଂ ବଂଶାନୁକ୍ରମେ ଗାଡି, ବାଡି, ବ୍ୟାଙ୍କ ବାଲାନ୍ସ ଯଦି ଜମା ହୋଇପାରେ ତେବେ ଏହାଠାରୁ ବଳି ସହଜ ସୁଖଦ ରାସ୍ତା କ'ଣ ହୋଇପାରେ? ଜନହିତକର କାର୍ଯ୍ୟ, ପ୍ରତିଶୃତି ବଦ୍ଧତା ଆଜି ଚୁଲିକିଯାଉ। ନେତା ବଂଚିଲେ ଦେଶର ନାଁ।

କିନ୍ତୁ ପ୍ରକୃତ ପକ୍ଷରେ ପରିବାର, ସମାଜ ରାଷ୍ଟ୍ରପାଇଁ ବ୍ୟକ୍ତି ଚରିତ୍ର ନିର୍ମାଣ ଅତ୍ୟନ୍ତ ଜରୁରୀ ଅଟେ। ନୀତି ଉପରେ ପର୍ଯ୍ୟବେସିତ ରାଜନୀତି ସମାଜକଲ୍ୟାଣ ଦେଶର ହିତାର୍ଥେ ଶୁଭଙ୍କର ଅଟେ। ସ୍ୱାଭିମାନ ଓ ସ୍ପର୍ଦ୍ଧା ସହିତ ନୀତିଯୁକ୍ତ ଶାସନ ନେତାର ଆଭୂଷଣ ହେଲେହେଁ ଅଳିକ ମୋହ ଓ ସାମୟିକ ଲୋଭ ପାଇଁ ନେତାମାନେ ଏ ସବୁ ମୂଲ୍ୟବୋଧକୁ ତ୍ୟାଗ କରିଥାନ୍ତି। କଳୁଷିତ ପନ୍ଥାରେ ଧନସଂଗ୍ରହ ରାଜନେତା ମାନଙ୍କର ସ୍ୱଭାବ ଜାଣିମଧ ଭୋଟ ସମୟରେ ଭୋଟଦାତା ସେହି ଧନରୁ ସାମାନ୍ୟ ଲାଂଚ ବା ହାତ ଚିକ୍‌ଣ କରି ଥିବାରୁ ମୁହଁରେ ତୁଣ୍ଡିବାନ୍ଧି ଦେଇ ଚୁପ ରହିଥାନ୍ତି। ନିତିହୀନ ରାଜନୀତି, ଧର୍ମବିନା ଧନ ସଂଗ୍ରହ, ପ୍ରଭୁ ସମର୍ପଣ ବିନା ଉତ୍ତମ କାର୍ଯ୍ୟ କରିବା, ବିବେକ ଜାଗ୍ରତ ନକରି ବିଦ୍ୟା ଅଧ୍ୟୟନ କରିବା ଅଜ୍ଞ ଲୋକଙ୍କର ଅପରିଣାମ ଦର୍ଶୀତାର ତିକ୍ତ ଫଳ ଅଟେ ଓ ବ୍ୟଥା ପରିଶ୍ରମ ବୋଲି ଧରି ନିଆଯାଏ। ବିଚାରବୁଦ୍ଧି ଶୂନ୍ୟ କୁମନ୍ତ୍ରଣା ଦ୍ୱାରା ପରିଚାଳିତ ରାଜାର ଦୂର୍ଦ୍ଦଶା, ବିଶୟାସକ୍ତ ସନ୍ୟାସୀ ,ଅଭିମାନ ପୁଷ୍ଟ ଜ୍ଞାନୀ ବା ପଣ୍ଡିତ, ଅହଙ୍କାରଯୁକ୍ତ ଗୁଣୀ ସମ ସମାନ ଅଟେ। ନମ୍ରତା, ସରଳତା ବିନା ରାଜା ପ୍ରଜାର ସମ୍ପର୍କ , ରାଜ୍ୟ ଶାସକର ମତିଗତି ମଦ ମାତ୍ସର୍ଯ୍ୟରେ ଜଡିତ ହୋଇଥାଏ ଓ ପାଗଳ ବ୍ୟକ୍ତି ସମ ଅଧୋପତନର ରାସ୍ତା ବାଛିନିଏ ଯାହାକି ଆଜିର ନେତାର ନେତୃତ୍ୱ ପାଇଁ ପ୍ରଜୁଜ୍ୟ। ବର୍ତ୍ତମାନର ଭ୍ରଷ୍ଟ ନେତାମାନଙ୍କୁ ଦେଖି ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତୀ ରାଜନୈତିକ ଇତିହାସକୁ ରୋମନ୍ଥନ କଲେ ଦେଖାଯାଏ ସର୍ବଶ୍ରୀ ରାଜେନ୍ଦ୍ର ପ୍ରସାଦ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ରାଜଗୋପାଳଚାରୀ,ସର୍ଦ୍ଦାର ପଟେଲ, ଗୋବିନ୍ଦବଲ୍ଲଭ ପନ୍ଥ, ସୁବାଷ ବୋଷ, ଜୟପ୍ରକାଶ ନାରାୟଣ, ରାମମନୋହର ଲୋହିଆ, ଆମ୍ବେଦକର କାମାଥ କୃପାଳିନି ଆଦି ଶୁଦ୍ଧ ସାଧୁ ସଚରିତ୍ର ଜ୍ଞାନୀ, ଗୁଣୀ ତ୍ୟାଗୀ ସେବା ଆଦର୍ଶ ମୂଲ୍ୟବୋଧର ଉତ୍ସର୍ଗୀକୃତ ଦିଗଜମାନେ ଭାରତ ବର୍ଷ ରାଜନୀତିକୁ ଋଦ୍ଧିମନ୍ତ ଓ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଶୋଷଣମୁକ୍ତ, ଭ୍ରଷ୍ଟାଚାର ମୁକ୍ତ ସମତା ମମତାଯୁକ୍ତ ସୁନ୍ଦର ଶାସନ ବ୍ୟବସ୍ଥା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ସମ୍ବିଧାନ ପଣେତା ପ୍ରାତସ୍ମରଣୀୟ ଆମ୍ବେଦକର ନିଜ ଜୀବନରେ ପ୍ରାୟ ସବୁ ନିର୍ବାଚନରେ ପରାଜୟ ବରଣ କରିଥିଲେ ମାତ୍ର ଦେଶକୁ ଦେଇଥିଲେ ଏକ ଅମୂଲ୍ୟ ସମ୍ପଦ ଯାହା ହେଉଛି ମାନବ ଅଧିକାର ମାତ୍ର ଯାହା ଆଜିର ସମାଜରେ ମାନବ ତାର ବାକ୍ ସ୍ୱାଧୀନତା ଅଧିକାର ସତ୍ୟକହିବାର ସାହସ ହରାଇ ବସିଛି। ଚିରନ୍ତନ ଦାରିଦ୍ର୍ୟର ବୋଝ ମୁଣ୍ଡେଇ ସେ ଚାଲିଛି ନିଜ ପଥରେ ନିଜକୁ ସାଜିଛି ନେତାଙ୍କ ହାତ ଟେକା ଭିକ୍ଷାକୁ। ସେ ଦିନ ମହାତ୍ମାଗାନ୍ଧୀ ତଥା ପୂର୍ବସୂରୀ ମାନଙ୍କର ସ୍ୱପ୍ନ ଥିଲା ନୀର୍ଭୀକ ନାରୀ ସମାଜ,ସୁ ସଂଗତ, ସୁ ସଂସ୍କୃତ ମୌର୍ଯ୍ୟ ସ୍ୱାଭୀମାନୀ ଯୁବସମାଜ, ନିରଳସ କୃଷକ, କର୍ମଠ ଶ୍ରମିକ ସମାଜ, ଆଧାତ୍ମିକତାରେ ଉତ୍କର୍ଷତା, ସ୍ୱାବଲମ୍ବୀ ସ୍ୱୟଂ ସମ୍ପୂର୍ଣ୍ଣ ସ୍ୱାଧୀନ ଭାରତ ବର୍ଷକୁ ନବ ନିର୍ମାଣ କରିବାରେ ଶହୀଦ। ମାତ୍ର ତାଙ୍କ ସ୍ୱପ୍ନ ଆଜି ସ୍ୱପ୍ନରେ ରହିଯାଇଛି। ଦେଶର ଅନେକ ପ୍ରଗତି ହୋଇଛି ମାତ୍ର ସ୍ଖଳନ ଘଟିଛି ଜନତା ତଥା ନେତାଙ୍କ ଚରିତ୍ର , ନୀତି ଓ ନେତୃତ୍ୱରେ। ଏ ଦେବଭୂମି ମୋକ୍ଷଭୂମି ଭାରତବର୍ଷର ଦୁର୍ନୀତିଗ୍ରସ୍ତ ନେତା ଓ ତାଙ୍କ ନେତୃତ୍ୱର ନୀତି ଓ ଶାସନ ପଦ୍ଧତିର କାଳକୁଟ ବିଷକୁ ଆମେ ଅମୃତସମ ଗିଳି ଢୋକୁଛୁ। କେବେ ବୁଝିବେ ଆମର ନେତା ଏ କଥାକୁ?

ସ୍ତମ୍ଭକାର,
ଖୋର୍ଦ୍ଧା, ୬୩୭୦୬ ୭୫୫୬୨

# ଅସୁରେଶ୍ୱରର ହରଣ୍ଡୀ ପୀଠରେ ରଜଯାତ୍ରା

ବନସ୍ତେ ଡାକିଲା ଗଜ,ବରଷକେ ଥରେ ଆସିଛି ରଜ ଆସ ହେବା ସଜବାଜ । ଜ୍ୟେଷ୍ଠ ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ରୂପେ ପାଳନ କରାଯାଏ, ତା ଆଗ ଦିନ ପହିଲି ରଜ ଓ ତା ଆଗର ଦିନକୁ ରଜ ସଜବାଜ କୁହାଯାଏ । ସଂକ୍ରାନ୍ତି ପର ଦିନ ବସୁମତୀ ପୂଜା କୁହାଯାଏ । ଏହି ପରି ଚାରିଦିନ ଉପକୂଳ ଓଡିଶାର ଗାଁ ଗଣ୍ଡାରେ ଗଣ ପର୍ବ ରୂପେ ମହା ଆନନ୍ଦରେ ଆବାଳ ବୃଦ୍ଧ ବନିତା ଏହା କୁ ପାଳନ କରନ୍ତି । କୁହାଯାଏ ପୃଥିବୀ ମାତା ବା ଧରଣୀ ଏହି ସମୟରେ ରଜସ୍ୱିଳା ହୁଏ । ବୃତ୍ରା ସୁର କୁ ଅନ୍ୟାୟ ଯୁଦ୍ଧରେ ବଧ କଲା ପରେ ଇନ୍ଦ୍ର ବ୍ରହ୍ମହତ୍ୟା ଦୋଷରୁ କିଛି ପୃଥିବୀ ମାତାକୁ ପ୍ରଦାନ କଲେ । ତାହା ଯୋଗୁ ଧରଣୀ ବର୍ଷ ରେ ତିନିଦିନ ଅଶୁଦ୍ଧ ହୁଅନ୍ତି ଓ ଏହି ସମୟରେ ପୃଥିବୀ କୁ ଆଘାତ କରି ଚାଷ କାମ କରିବା ନିଷେଧ ହୋଇଛି । ରଜ ପର୍ବର ମଜା ଗାଁ ଗହଳରେ ଯେଉଁ ଗରୀବ କୃଷକ ମାନେ ବର୍ଷସାରା ବିଲରେ ହାଡଭଙ୍ଗା ପରିଶ୍ରମ କରନ୍ତି , ସେମାନେ ହିଁ ଉପଭୋଗ କରନ୍ତି । ସହରର ବାବୁ ମାନଙ୍କ ପାଇଁ ଏହା ଉପଭୋଗର ଏକ ମାଧ୍ୟମ ମାତ୍ର । ମାସ କ ଆଗରୁ ରଜ ପ୍ରସ୍ତୁତି ଚାଲେ । ରଜ ପାଇଁ ଚୁଡା,ମୁଢି,ପିଠା ପ୍ରସ୍ତୁତି ଆରମ୍ଭ ହୁଏ । ଗୁଆ ଗୁଣ୍ଡି ପାନ ମସଲା ତିଆରି ହୁଏ । ରନ୍ଧା ପାଇଁ ଜାଳ ସ-ୟ ହୁଏ । ଗାଈ ଗୋରୁଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୁଏ । ହଳଦି , ଚୂଆ , ଅତର , ବାସନ । ତେଲ,ସ୍ନୋ,ପାଉଡର, ସାବୁନ, ଚନ୍ଦନ, ରଙ୍ଗ ପ୍ରସ୍ତୁତ ହୁଏ । ରଜ ଆସୁଛି ଏହି ଭାବନାରେ କି ପିଲା କି ବୁଢା ସମେସ୍ତ ଉଲ୍ଲସିତ ହୁଅନ୍ତି ।

ପହିଲି ରଜ ରାତିରେ ନିଦ ହୁଏନା । ସକାଳୁ ରାତିଥାଉ ହଳଦି ମାଳପା ଲଗାଇ ଗାଧୁଆ ନଈ ପୋଖରୀରେ ହୁଏ । ନୂଆ ଲୁଗା ପିନ୍ଧା ଯାଏ; ମୁଣ୍ଡରେ ଚିତା,କୁଙ୍କୁମ, କଜ୍ୱଳ ଫୁଲ ଲଗାଯାଇ ସକାଳୁ ସକାଳୁ ରଜ ପୋଡପିଠା ଖାଇ ପିଲା ମାନେ ଗାଁ ଦାଣ୍ଡରେ ରୁଣ୍ଡ ହୁଅନ୍ତି । ବୟସ୍କ ମାନେ ଗଛ ଛାଇରେ ବସି ତାସ ଖେଳନ୍ତି । ଝିଅ ମାନେ ରଜ ଦୋଳି ଖେଳନ୍ତି ଓ ଗୀତ ଗାଆନ୍ତି । ପୁଅ ମାନେ ବାଗୁଡି ଖେଳନ୍ତି । ମାଆ ମାନେ ଘରେ ମାଂସ ତରକାରୀ,ପିଠା ଖେଚେଡି,ରୋଷେଇ କରି ପିଲା ମାନ ଙ୍କୁ ଅପେକ୍ଷା କରନ୍ତି । ସମସ୍ତଙ୍କ ମୁହଁରୁ ରଜ ପାନର ମହକ ଭାସିଆସେ । ଏହି ସମୟ ରେ ମୌସିମି ଆସିଥାଏ । ଗରମ କମିଯାଏ । ଆକାଶ ମେଘାଛନ୍ନ ହୁଏ । ଅଳ୍ପଅଳ୍ପ ବର୍ଷା ହୁଏ ।ଏହାକୁ ରଜ ପାଗ ବୋଲି ଲୋକମାନେ କୁହନ୍ତି । କଟକ ଜିଲ୍ଲାର ଅସୁରେଶ୍ୱର ଠାରେ ରହିଛି ପ୍ରସିଦ୍ଧ ଶାକ୍ତ ପିଠ ହରଣ୍ଡଣ୍ଡୀ ମନ୍ଦିର । ଲୂଣା ନଦୀ କୂଳରେ କଟିକଟା ଜୟପୁର ରାସ୍ତାକୁ ଲାଗି ଦେବୀଙ୍କ ବିଶାଳ ମନ୍ଦିର ବହୁଦୂରରୁ ଦେଖାଯାଏ । ମନ୍ଦିର ର ପ୍ରତିଷ୍ଠା ଅତି ପ୍ରାଚୀନ । ନୂତନ ମନ୍ଦିର ପ୍ରାୟ ଶହେ ବର୍ଷ ତଳେ ସ୍ଥାନୀୟ ଜମିଦାରଙ୍କ ଦ୍ୱାରା ନିର୍ମିତ ହୋଇଛି । ମନ୍ଦିର କୁଲାଗି ବିରାଟ ପୁଷ୍କରଣୀ, ଯାହା ଚନ୍ଦନ ଚାପରେ ବ୍ୟବହାର ହେଉଥିଲା । ମାଆଙ୍କ ମୂର୍ତ୍ତି ଅତି ଭୟଙ୍କର । ଲୋକମାନେ ଡରରେ ଆଗକୁ ଯାଆନ୍ତି ନାହିଁ । ଅନ୍ୟ ଏକ ମନ୍ଦିର ରେ ଏକାଦଶ ରୁଦ୍ରଙ୍କ ଲିଙ୍ଗ ଅଛି । କିଛି ଦୂରରେ ବିଶାଳ ବସନ୍ତ ବଗିଚା ଥିଲା । ବସନ୍ତ



ଡାଃ ସୁରେନ୍ଦ୍ର ନାଥ ଦାଶ

ବିହାର ପାଇଁ ବିଜେ ପ୍ରତିମା ଚନ୍ଦ୍ରଶେଖର ସେଠାକୁ ଯାଉଥିଲେ ଓ ବିଶ୍ରାମ ନେଉଥିଲେ । ସବୁ ଧ୍ୱଂସ ହେଲାଣି । ତୋଟାରେ ଗଛ କଟା ହୋଇ ହାଟ ବସିଲାଣି । ପୋଖରି ପୋତି ହେଲାଣି । ରଜ ପର୍ବ ଏହି ପୀଠରେ ଧୂମଧାମ ରେ ପାଳିତ ହୁଏ । ମନ୍ଦିର ପରିସରରେ ବଜାର ବସେ । ଅନେକ ଦୋକାନୀ,ସର୍କସ ଦଳ ଆସନ୍ତି । ଲୋକ ଗହଳି ହୁଏ । ପୀଠରେ ଶହଶହ ଛାଗ ବଳି ପଡେ । ଦେବୀଙ୍କ ମନ୍ଦିର ର ସମ୍ମୁଖ ଭାଗରେ ବଳି ପାଇଁ ଅରଗଳୀ ଥିଲା । ରାଉଳ ପୂଜକ ମାନେ ଛେଳି(ବୋଦା)ର ମୁଣ୍ଡ କୁ ପୂରାଇ ଖଣ୍ଡାରେ ହାଣୁଥିଲେ । ରକ୍ତରେ ଚଟାଣ ଭାସୁଥିଲା । ଏବେ ବି ସେ ଭୟଙ୍କର ଦୃଶ୍ୟ ମନେ ପଡେ । ବର୍ଷର ଅନ୍ୟ ଦିନ ମଧ୍ୟ ମାନସିକ ବଳି ପଡୁଥିଲା । ହରେକୃଷ୍ଣ ମହତାବଙ୍କ ଚେଷ୍ଟାରେ ବଳୀ ପ୍ରଥା ଧିରେ ଧିରେ ବନ୍ଦ ହେଲା । ଆଜି ଦେବୀ ପିଠ ତାର ମହତ୍ୱ ହରାଇଛି । ଆଉ ରଜ ଯାତ୍ରାର ମହକ ନାହିଁ । ମନ୍ଦିର ପୁରୁଣା ହୋଇ ଭଗ୍ନ ହେଲାଣି । ପୂଜକ ମାନେ ଅନ୍ୟ ବ୍ୟବସାୟ କଲେଣି । ଯାତ୍ରାର ଗହଳି ମଧ୍ୟ ନାହିଁ । ତଥାପି ବର୍ଷ ସାରା କର୍ମକ୍ଳାନ୍ତ ଗାଁ ର ମଣିଷ ଅନେଇ ରହିଛି,ରଜ ଆସିବ,ତା ପାଟିରେ ମାଉଁଶ ତିଅଣ ବାଜିବ, ସେ ଥରେ ନୂଆ ଲୁଗା ପିନ୍ଧିବ, ପାନ ଖାଇ ପାଟି ରଙ୍ଗ କରିବ ଆଉ ଦୋଳିରେ ଟିକେ ଝୁଲି ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ସଂସାରର ଦୁଃଖ ଭୁଲିଯିବ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬




## ସ୍ୱାଭିମାନ ଅଂଚଳରେ ଆରମ୍ଭ ହେଲା ମାଣ୍ଡିଆ ତଳିରୋପଣ

ମାଲକାନଗିରି : ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ଶିଶୁ ଓ ମହିଳା କଲ୍ୟାଣ ସମିତି ଆନୁକୂଲ୍ୟରେ ଜିଲା କୃଷି ବିଭାଗ, ଓ୍ୱାସନ ଅନୁଷ୍ଠାନ ଓ ଆମ୍ରା ସହାୟତାରେ ମିଲେଟ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ଓ ମହିଳା କଲ୍ୟାଣ ସମିତି ର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ବଡ଼ପଡ଼ା ଓ ପାପରମେଟେଲା ପଂଚାୟତ ଅନ୍ତର୍ଭୁକ୍ତ ବିଭିନ୍ନ ଗ୍ରାମରେ ମାଣ୍ଡିଆ ଓ ସୁଆଁ ତଳି ରୋପଣ ଆରମ୍ଭ ହୋଇଛି ! ବିଭିନ୍ନ ଗ୍ରାମର ଚାଷୀଙ୍କ ଜମିରେ ମାଣ୍ଡିଆ ସୁଆଁ ଚାଷ ନିମନ୍ତେ ବେଡ଼ ପ୍ରସ୍ତୁତି କରାଯାଇ ତଳି ପକାଯାଇ ଚାଷୀ ଜମି ପ୍ରସ୍ତୁତି କରି ତଳି ରୋପଣ କରିବା ଆରମ୍ଭ କରିଛି ! ଚଳିତ ବର୍ଷ ସ୍ୱାଭିମାନ ଅଂଚଳରେ ଚାରି ଶହ ଚାଷୀ ଙ୍କୁ ଚୟନ କରାଯାଇଛି ଏବଂ ୨ ୨ ୦ ହେକ୍ଟର ଜମିରେ ସୁଆଁ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀ ଚୟନ କରାଯାଇଛି ! ଯେଉଁ ମାଣ୍ଡିଆ ଓ ସୁଆଁ ଚାଷ କେବଳ ଜୈବିକ ଖତ ସାରରେ ବ୍ୟବହାର କରାଯାଇ ଚାଷ କରାଯାଏ ଫଳରେ ଚାଷୀ ଦୁଇଗୁଣା ଅମଳ ପାଇଥାଏ ! ଯେଉଁ ମାଣ୍ଡିଆ ଚାଷ ମାଲକାନଗିରି ଜିଲାରେ ଲୋକେ ନିଜ ଖାଦ୍ୟ ରୂପେ ବ୍ୟବହାର କରନ୍ତି ଏବଂ ଚାଷ ରେ ମଧ ମିଲେଟ ମିଶନ କାର୍ଯ୍ୟକ୍ରମ ଅଗ୍ରଣୀ ଭୂମିକା ଗ୍ରହଣ କରିଛି !ସ୍ୱାଭିମାନ ଅଂଚଳରେ ଏହି କ୍ଷୁଦ୍ର ଶସ୍ୟ ର ପୁନରୁଦ୍ଧାର କରାଯିବା ସହ ଚାଷୀ ନିଜେ ଖାଦ୍ୟ ରୂପେ ବ୍ୟବହାର କରିବା ସହ ଅଧିକ ଅମଳ କୁ ସରକାର ଙ୍କ ମାଣ୍ଡିଆ ମଣ୍ଡି ରେ ବିକି ଭଲ ଦୁଇ ପଇସା ପାଇ ଲାଭ ପାଇ ପାରୁଛି ଓ ଚାଷୀ ଉତ୍ସାହିତ ହେବା ପାଇଁ ପ୍ରୋତ୍ସାହନ ରାଶି ମଧ ପାଇଛି !ବିଭିନ୍ନ ସ୍ଥାନରେ ଗୋଷ୍ଠୀ ମାଧ୍ୟମରେ ମାଣ୍ଡିଆ ଗୁଣ୍ଡ କରିବା ଯନ୍ତ୍ର ମଧ ପ୍ରଦାନ କରାଯାଇଛି !ଏଥି ସହିତ ଜିଲାରେ ମାଣ୍ଡିଆ ଚାଷ କରୁଥିବା ମହିଳା ଗୋଷ୍ଠୀ ସଦସ୍ୟା, ମାଣ୍ଡିଆ ଚାଷୀ ଓ ବିଭିର୍ନ ପଂଚାୟତରେ କାର୍ଯ୍ୟରତ ସିଆରପି ମାନଙ୍କୁ ନେଇ ମାଣ୍ଡିଆ ରେ ବିଭିନ୍ନ ପ୍ରକାରର ପ୍ରସ୍ତୁତ ଜଳଖିଆ ସମ୍ପର୍କରେ ଜ୍ଞାନ କୌଶଳ ପ୍ରଦାନ କରାଯାଇ ଜଳଖିଆ ତିଆରି କରି ଦେଖାଯିବା ସହିତ ଭିନ୍ନ ଭିନ୍ନ ଜଳଖିଆ ଅନୁଯାଇ ଭାଗମାପ ଓ ପ୍ରସ୍ତୁତ ସମ୍ପର୍କରେ ଅବଗତ କରାଯାଇଛି ! କେବଳ ଯେ ମାଣ୍ଡିଆ କୁ ମାଣ୍ଡିଆ ପେଜ କି ଖିରି କରି ଖାଇବା ଏକ ମାତ୍ର ବ୍ୟବହାର ର ଉପାୟ ନୁହେଁ, ମାଣ୍ଡିଆର ଚାହିଦା ତଥା ସ୍ୱାସ୍ଥ୍ୟ ଉପଯୋଗୀ ଉପାଦେୟତା କୁ ଆଖି ଆଗରେ ରଖି ମାଣ୍ଡିଆ କୁଭିନ୍ନ ଉପାୟରେ ଉପଯୋଗ କରି ବହୁ ପ୍ରକାରର ଜଳଖିଆ ଓ ଖାଦ୍ୟ ପଦାର୍ଥ ତିଆରି କରିହେବ ଯଥା - ବରା, ପକୁଡି, ଇଟିଲି, ଆଲୁଚପ, ଚକୁଳି ପିଠା, ଉପମା, ବିରିୟାନୀ, ଦହିବରା, ଗୋଲାପଜାମୁ, ରସଗୋଲା, ପକଡା, ବାଇଗିଣି, ଖିରି, ପୋଡପିଠା, ବିସ୍କୁଟ, କେକ,ପୋଡମିଠା, ପିଆଜି, ସିଙ୍ଗଡ଼ା ଭଳି ବହୁ ପ୍ରକାରର ଖାଦ୍ୟ ତିଆରି କରାଯାଇ ପାରିବ ଯାହାକି ଦୈନିକ ନିଜେ ଖାଦ୍ୟ ଓ ଜଳଖିଆ ଭାବେ ବ୍ୟବହାର ର ଫାଇଦା ଉଠାଇବା ସହିତ ଜଣେ ଚାଷୀ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଉକ୍ତ ଜଳଖିଆ ଦୋକାନ କରି ମଧ ନିଜେ ସ୍ୱାବଲମ୍ବୀ ହୋଇ ପାରିବ !ଏଣୁ ମାଣ୍ଡିଆ ତିଆରି ଜଳଖିଆ ର ଚାହିଦା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିବ ଏବଂ ବ୍ୟବସାୟୀ ମଧ ଦୁଇ ପଇସା ଭଲ ରୋଜଗାର କରି ଜୀବନ ଜୀବିକା ରେ ସହାୟକ ହୋଇ ପାରିବ, ଉକ୍ତ କାର୍ଯ୍ୟକ୍ରମ କୁ ମିଲେଟ ମିଶନ ପ୍ରକଳ୍ପ ସଂଯୋଜକ ତପନ କୁମାର ରଥ, ସୁରେଶ ଚନ୍ଦ୍ର ପୂଜାରୀ, ତ୍ରିନାଥ ଖେମୁଡୁ ଓ ରାକେଶ ମହାରଣା ପରିଚାଳନା କରୁଛନ୍ତି !

## ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କରୋନା କଟକଣାକୁ ଫୁ, ରେଗୁଲାର ଅର୍ଡର ଦେବା ନାଁରେ ବଟି ଆଦାୟ ଅଭିଯୋଗ

ହରିଚନ୍ଦନପୁର: ସାରା ରାଜ୍ୟରେ କରୋନାର ଦିତୀୟ ଲହରୀରେ କଟକଣା ସାମାନ୍ୟ କୋହଳ ହୋଇଛି । କରୋନା କଟକଣାର ସମସ୍ତ ପ୍ରକାର ନୀତି ନିୟମ ପାଳନ କରିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ହରିଚନ୍ଦନପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟରେ କଟକଣାକୁ ବେଫିକର ଭାବେ ପାଳନ ଚାଲିଥିବା ଦେଖିବାକୁ ମିଳିଛି । ଏହି ଶିକ୍ଷାଅଧିନରେ ରେଗୁଲାର ହେବାକୁ ଥିବା ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏକାସଙ୍ଗେ ଡକାଇ ରେଗୁଲାର ଅର୍ଡର ପ୍ରଦାନ କରାଯାଇଛି । ଏଥିସହ ମୂଖ୍ୟ କଥା ସମସ୍ତଙ୍କ ଠାରୁ ମନମୁଖି ଭାବେ ବଟି ଆଦାୟ କରିବା ସହ ସରକାରଙ୍କ କରୋନା କଟକଣାର ଧର୍ଯ୍ୟା ଉଡ଼ାଇଥିବା ଭଳି ସାଘାଂତିକ ଘଟଣା ଘଟିଛି । ସୂଚନା ମୁତାବକ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମଗ୍ର ଶିକ୍ଷା କେନ୍ଦୁଝର ଚିଠି ନଂ ୧୮୮୯ରେ ଜିଲ୍ଲାର ୧୩ଟି ବ୍ଲକର ୨୦୧୧/୧୨/୧୩/୧୪ ବ୍ୟାଚର କନିଷ୍ଠ ଶିକ୍ଷକଙ୍କୁ ରେଗୁଲାର ହେବାକୁ ନିର୍ଦ୍ଦେଶ ରହିଛି । ସେହିପରି ହରିଚନ୍ଦନପୁର ବ୍ଲକରେ ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ରେଗୁଲାର ହେବାକୁ ଅର୍ଡର ଆସିଥିଲା । ଯାହାକୁ ନେଇ କୋଭିଡ ସମୟରେ ସରକାରଙ୍କ କଡକଣାକୁ ଭୁଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏକା ସଙ୍ଗେ ୮୬ ଜଣକୁ ଡକାଯାଇଛି । ସେମାନଙ୍କ ଠାରୁ ଅତି ଚଟଂକତା ସହିତ ପ୍ରତି ଶିକ୍ଷକଙ୍କ ଫିଛା ଚାନ୍ଦା ଆଦାୟ କରାଯାଇଥିବା ନେଇ ହରିଚନ୍ଦନପୁର ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଖବର ଅନୁଯାୟୀ ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗୋଟିଏ ଚିଠିରେ ସମସ୍ତ ରେଗୁଲାର ହେବାକୁ ଥିବା ଶିକ୍ଷକଙ୍କ ନାମ ରହିଛି ଓ ରେଗୁଲାର ଅର୍ଡର ପ୍ରଦାନ କରାଯାଇଛି । ହେଲେ ହରିଚନ୍ଦନପୁର ବ୍ଲକରେ ପ୍ରତି ଶିକ୍ଷକଙ୍କ ପିଛା ରେଗୁଲାର ଅର୍ଡର ପ୍ରସ୍ତୁତ କରି ଶିକ୍ଷକଙ୍କ ଠାରୁ କାହିଁକି ଶହଶହ ଟଙ୍କା ବଟି ସଂଗ୍ରହ କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ବ୍ଲକ ଶିକ୍ଷା ଅଧିକାରୀ କ୍ଷୀରୋଦ ତ୍ରିପାଠୀଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ଘଟଣା ସମ୍ପର୍କରେ ପଚାରିବାରୁ ମୋ କାନକୁ କିଛି ଆସିନାହିଁ କହି ଫୋନ୍ କଲ୍ କାଟି ଦେଇଥିଲେ । ସମସ୍ତ କଥା ନଶୁଣି ଫୋନ୍ କଲ୍ କାଟି ଦେବାରୁ ଜଣାପଡିଯାଉଛି ଏହା ଭିତରେ ସତ୍ୟତା କ'ଣ ରହିଛି, ଓ ଚର୍ଚ୍ଚାର ବିଷୟ ହିଁ ସତ୍ୟ।

## ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି। ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି। ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ। ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି। ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି। ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି। ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି। ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆର୍‌ଇସି) କିଣାଯାଇ ପାରୁଛି। ଯାହାଦ୍ୱାରା ରେନେୱ୍ବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ସମ୍ପନ୍ନ ହୋଇପାରୁଛି। ଆର୍‌ଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି। ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱ୍ବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ। ରିନେୱ୍ବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆର୍‌ପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ। ସୋଲାର ଆର୍‌ଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆର୍‌ଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି। ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ। ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ। ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍‌ଉପକୃତ ହୋଇ ପାରିବେ। ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ। ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ। ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ।

## ଲଟାବୁଦାରେ ଲୁଚିଗଲାଣି ଏଏନଏମ କେନ୍ଦ୍ର; ପୁନରୁଦ୍ଧାର ପାଇଁ ଦାବି

ଫୁଲନଖରା:ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଥିବା ଏଏନଏମ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ତ୍ତମାନ ଲଟାବୁଦାରେ କେନ୍ଦ୍ରଟି ଆଚ୍ଛାଦିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏହାର କବାଟ ଝରକା ଉଇ ଲାଗି ନଷ୍ଟ ହେବା ସହିତ ଆସବାବପତ୍ର ଭାଙ୍ଗିରୁଜି ଗଲାଣି। ସେହିପରି ଅନାବନା ଗଛଲତାରେ କେନ୍ଦ୍ରଟି ସମ୍ପୂର୍ଣ୍ଣ ଲୁଚିଯିବାକୁ ବସିଛି। କେନ୍ଦ୍ର ମଧ୍ୟରେ ଥିବା ନଳକୂଅ କଳଙ୍କି ଲାଗି ଅଚଳ ହୋଇପଡ଼ିଥିଲାବେଳେ ମୁଖ୍ୟ



ଫାଟକ ଭାଙ୍ଗିଯାଇଛି। ଦୀର୍ଘ ୧୦ ବର୍ଷ ହେଲା ଏହାର ମରାମତି ଅଥବା ରକ୍ଷଣା ବେକ୍ଷଣ କାର୍ଯ୍ୟ ନହେବାରୁ ଏହା ଏବେ ସମ୍ପୂର୍ଣ୍ଣଭାବେ ପରିତ୍ୟକ୍ତ ହୋଇ ସରୀସୃପଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି। ପାଚେରି ଭାଙ୍ଗିରୁଜି ଯିବାରୁ ଏଥିରେ ବ୍ୟବହୃତ ଇଟା ଓ ପଥର ଚୋରି ହେବାରେ ଲାଗିଛି। ଏଠାରେ ସ୍ଥାନୀୟ ଅ□ଳର ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ସହିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆବଶ୍ୟକ ଜରୁରୀ ଟିକାକରଣ କାର୍ଯ୍ୟ ହେଉଥିଲା; ମାତ୍ର ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ସମ୍ପୃକ୍ତ କେନ୍ଦ୍ରରେ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ଅସହଯୋଗ ମନୋବୃତ୍ତି ଯୋଗୁଁ କେନ୍ଦ୍ରଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଅଭିଯୋଗ ହେଉଛି। ଏ ନେଇ ସ୍ଥାନୀୟ ଜନସାଧାରଣ ମହାଧରପଡ଼ା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ବର୍ତ୍ତମାନ ଟିକାକରଣ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟ ଗ୍ରାମ ମଧ୍ୟସ୍ଥ ଜନୈକ ବ୍ୟକ୍ତିଙ୍କ ବାସଭବନରେ ହେଉଥିବା ଏବଂ ଏ ନେଇ ଅନେକ ସମସ୍ୟା ଉପୁଜୁଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ କୁରାଙ୍ଗଶାସନ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ ନିର୍ମାଣ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଓଡିଶାରେ ଚାଷୀ ମାନଙ୍କ ସମସ୍ୟା : ନିରଞ୍ଜନ

ଭୁବନେଶ୍ୱର: ଦୀର୍ଘ ବର୍ଷ ଧରି ରାଜ୍ୟ ଶାସନ ଦାୟିତ୍ୱରେ ଥିବା ବିଜେଡି ସରକାର, ଦଳର ନେତା ଓ କର୍ମୀମାନେ କୃଷି ଏବଂ କୃଷକର ବିକାଶକୁ ପ୍ରାଧାନ୍ୟ ଦିଆଯାଉଥିବା କହିଚାଲିଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ରାଜ୍ୟର ଚାଷୀକୂଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜନୈତିକ ଚକ୍ରବ୍ୟୂହ ଭିତରେ ତଳିତଳାନ୍ତ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ଦୁର୍ଦ୍ଦିନରେ ଥିବା ଭାଗଚାଷୀଙ୍କ ସମସ୍ୟାର ସମାଧାନ କରିପାରିନାହାନ୍ତି। ଏଥିରୁ ପ୍ରକୃତ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା କେତେ ତାହା ବୁଝାପଡେ। ଚାଷୀଙ୍କ ଆୟ ବହୁଗୁଣିତ ହୋଇଥିବା ଯାହା କୁହାଯାଉଛି ତାହା କେବଳ ସରକାରୀ ନଥିପତ୍ରର ପରିସଂଖ୍ୟାନ ବୋଲି କୁହାଯାଇପାରେ। କୃଷି କାର୍ଯ୍ୟରେ ନିୟୋଜିତ ଚାଷୀର ସମସ୍ୟା ସମାଧାନ ଦିଗରେ ମଧ ସରକାର ସେଭଳି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଜଳସେଚନ ହେଉ କି ସାର, ବିହନ ଓ କୀଟନାଶକ ଯୋଗାଣ ହେଉ ସବୁଥିରେ ସରକାରୀ ଅର୍ଥ ତୋଷର ପାତ ଚାଷୀର ଦୁଃଖ ଲାଘବ କରିବାରେ ଅନ୍ତରାୟ ହୋଇପଡିଛି ବୋଲି ଆଜି ଏକ ପ୍ରେସବିଜ୍ଞପ୍ତିରେ ଆଜି ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ ଅତି କ୍ଷୋଭର ସହିତ କହିଛନ୍ତି। ସରକାରୀ ଅଫିସର ଓ ରାଜନେତାମାନଙ୍କ ଅସାଧୁ ମେଂଟ ଚାଷୀକୁ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ସହ ରାଜ୍ୟ ସରକାରଙ୍କ ସୁସମ୍ପର୍କ ସମସ୍ତେ ଜାଣନ୍ତି। ଉଭୟଙ୍କ ଜାଣତରେ ସରକାରୀ ଯୋଜନା ଅର୍ଥ ବିପୁଳ ପରିମାଣରେ ବାଟମାରଣା ହେଉଥିବା ଅଭିଯୋଗ ହେବାରେ ଲାଗିଛି। ଚଳିତ ଖରିଫ୍ ଚାଷ ପାଇଁ ସାର ଆବଂଟନ ବ୍ୟବସ୍ଥାରେ କେନ୍ଦ୍ରସରକାର ଯେଉଁ ପରିମାଣର ସାର ଯୋଗାଣ ପ୍ରସ୍ତାବ ଦେଇଥିଲେ ତାହା ଆବଶ୍ୟକତା ଠାରୁ କମ ଥିଲେ ମଧ ରାଜ୍ୟ ସରକାର ରାଜି ହୋଇଥିଲେ। ଏବେ ଖରିଫ୍ ଚାଷ ସମୟରେ କେନ୍ଦ୍ର ସରକାର ତିନିମାସ ହେଲା ଆବଶ୍ୟକ ପରିମାଣର ସାର ଦେଉନଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଚଳିତ ଖରିଫରେ ରାଜ୍ୟ ପାଇଁ ଆବଂଟିତ ୨ ଲକ୍ଷ ୩୧ ହଜାର ୩୫୦ ମେଟ୍ରିକ ଟନ ୟୁରିଆ ବଦଳରେ ୧,୪୫,୧୪୫ ମେଟ୍ରିକ ଟନ ମିଳିଛି। ୨,୧୦,୦୦୦ ମେଟ୍ରିକ ଟନ ୟୁରିଆ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ଦେଇଥିବା ଯୋଗାଣ ପ୍ରସ୍ତାବରେ ରାଜ୍ୟ ରାଜି ହୋଇଥିଲା। ସେତିକି ମିଳିପାରିନାହିଁ। ସେହିପରି ୧,୫୨,୦୦୦ ମେଟ୍ରିକ ଟନ୍ ଡିଏପି ଜାଗାରେ ୯୭,୭୬୩ ମେଟ୍ରିକ ଟନ୍ ମିଳିଛି। ୧,୪୫,୦୦୦ ମେଟ୍ରିକ ଟନ୍ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର କହିଥିଲା। ସେହିପରି ୬୭, ୨୦୦ ମେଟ୍ରିକ ଟନ୍ ଏମଓପି ସ୍ଥାନରେ ୪୨,୮୬୭ ମିଳିଛି। ଯୋଗାଣ ପ୍ରସ୍ତାବରେ ୬୦ ହଜାର ମେଟ୍ରିକ ଟନ୍ ଥିଲେ। ୧,୬୭,୪୦୦ ମେଟ୍ରିକ ଟନ୍ ଏନପିକେଏସ୍ ସ୍ଥାନରେ ୧,୦୫,୭୯୮ ମେଟ୍ରିକ ଟନ୍ ମିଳିଥିବା ବେଳେ ୧,୪୨,୦୦୦ ମେଟ୍ରିକ ଟନ୍ ଦବାକୁ କେନ୍ଦ୍ର ଯୋଗାଣ ପ୍ରସ୍ତାବ ଦେଇଥିଲା। ମୋଟାମୋଟି ଆବଂଟନରେ ୬୨ ପ୍ରତିଶତ ୟୁରିଆ ମିଳିଥିବା ବେଳେ ଅନ୍ୟ ସାର କ୍ଷେତ୍ରରେ ଏହା ୬୦ ପ୍ରତିଶତ ଓ ୭୪ ପ୍ରତିଶତ ରହିଛି। ଚାଷ କାର୍ଯ୍ୟରେ ଜୁଲାଇ ମଧ ଭାଗରୁ ସେପ୍ଟେମ୍ବର ମାସ ମଧରେ ଅଧିକ ୟୁରିଆ ବ୍ୟବହାର ହେଉଥିବା ବେଳେ ଜୁଲାଇ ଓ ଅଗଷ୍ଟ ଦୁଇମାସ ଅନ୍ୟ ସାର ଆବଶ୍ୟକ ପଡିଥାଏ। ଯଥା ସମୟରେ ସାର ନଆସିଲେ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ପଡିବ। ଏ ନେଇ ରାଜନୈତିକ ଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଦଳର ସାଂସଦମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସାର ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ସାର କଳାବଜାର ହେଉଥିବା ଅଭିଯୋଗ ହେଲାଣି ।ପ୍ରଦର୍ଶନ କ୍ଷେତ୍ର ପାଇଁ ଆବଶ୍ୟକ କୀଟନାଶକ ଯୋଗାଣ ନେଇ କୃଷି ଶିଳ୍ପ ନିଗମ ପ୍ରଥମ ଥର ପାଇଁ ଏବର୍ଷ ଅନଲାଇନ ଟେଣ୍ଡର କରିଥିଲା। କୀଟନାଶକ ଯୋଗାଣ କ୍ଷେତ୍ରରେ ଅତିମାତ୍ରାରେ ଅନିୟମିତତା ଯୋଗୁଁ ଏହାକୁ ବନ୍ଦ କରି ରଖାଯାଇଛି। ବଜାରରେ ୫ ଟଙ୍କା ମୂଲ୍ୟରେ ମିଳୁଥିବା 'ଲିଓର'କୁ ୯୫ ଟଙ୍କାରେ କିଣିବା ନେଇ ଆବେଦନକୁ ଗ୍ରହଣ କରାଯିବା ପରେ ବ୍ୟାପକ ଦୁର୍ନୀତିର ସମ୍ଭାବନା ସୃଷ୍ଟି ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିନି। କୃଷି ଶିଳ୍ପ ନିଗମ ଗତ ୫ ବର୍ଷରେ ଯେତେ କୃଷି ସାମଗ୍ରୀ କିଣି ଚାଷୀଙ୍କୁ ଯୋଗାଇଛି ସେସବୁ ଉପରେ ଯୋଗାଣକାରୀ ସଂସ୍ଥା ମନଇଚ୍ଛା ମୂଲ୍ୟ ନେଇଛନ୍ତି। ଏହାର ତଦନ୍ତ ହେବା ଆବଶ୍ୟକ। କୃଷି ନିର୍ଦ୍ଦେଶକ ପଦରେ ୬ ବର୍ଷ ଧରି ଜଣେ ଅପିସର କାର୍ଯ୍ୟ କରିବା ପଛରେ କି ରହସ୍ୟ ରହିଛି ତାହା ସରକାର ସ୍ପଷ୍ଟ କରିବା ଉଚିତ। ଧାନ ସଂଗ୍ରହ ଠାରୁ ଆରମ୍ଭକରି ଚାଷୀଙ୍କ ଫସଲ ଋଣ, ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଯୋଗାଣ କ୍ଷେତ୍ରରେ ଅସାଧୁ ଅଫିସର ଓ ସଂପୃକ୍ତ ଶାସକ ଦଳର ରାଜନେତାଙ୍କ ସଂପୃକ୍ତି ଚାଷୀକୁ ଅଣନିଃଶ୍ୱାସୀ କରିଛି ।ଆବଶ୍ୟକତା ଠାରୁ ବହୁ ଅଧିକ ଧାନ ଓଡିଶାରେ ଉତ୍ପାଦିତ ହେଉଛି। ଧାନକୁ ଛାଡି ଦେଲେ ଆଉ କୌଣସି କୃଷିଜାତ ଦ୍ରବ୍ୟ ଆବଶ୍ୟକ ମୁତାବକ ଉତ୍ପାଦନ ହେଉନାହିଁ। ଏବର୍ଷ ରବି ଋତୁରେ ଧାନ କିଣିବା ପାଇଁ ଚାଷୀମାନେ ଯେଉଁ ହନ୍ତସନ୍ତ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ, ତାହା ସମସ୍ତେ ଜାଣିଛନ୍ତି। ମୋଟାମୋଟି ଭାବରେ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶାର ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ପ୍ରସ୍ତୁତ ନୁହଁନ୍ତି। ଓଡିଶା ସରକାର ଚାଷୀମାନଙ୍କୁ ଓଡିଶାର ଆବଶ୍ୟକତା ଦୃଷ୍ଟିରୁ ଅର୍ଥକାରୀ ଫସଲ ଉତ୍ପାଦନ କରିବା ପାଇଁ ଯୋଜନା ଓ ସାହାଯ୍ୟ କରିବାର ଆବଶ୍ୟକତା ଅଛି। ପ୍ରକୃତରେ ଯଦି ସରକାର ଚାଷୀଙ୍କର ଉନ୍ନତି ଚାହାଁନ୍ତି, ତେବେ ଚାଷୀମାନେ କିପରି ଡାଲି, ତୈଳଜାତୀୟ ଶସ୍ୟ, ପିଆଜ, ଆଳୁ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଅର୍ଥ ଉପାର୍ଜନକାରୀ ଶସ୍ୟ ଉତ୍ପାଦନ କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତୁ। କାଳିଅ ଯୋଜନା ଭଳି ଦାରିଦ୍ର୍ୟ ବଂଟନ କରନ୍ତୁ ନାହିଁ।୮୦ ପ୍ରତିଶତ ଲୋକଙ୍କୁ ଟଙ୍କିକିଆ ଚାଉଳ ଦିଆଯାଉଥିବା କହି ସରକାର ବାହାବା ନେଉଥିବା ବେଳେ ଅବଶିଷ୍ଟ ୨୦ ପ୍ରତିଶତ ଲୋକଙ୍କୁ ଏହି ଯୋଜନାରେ ସାମିଲ କଲେ ରାଜ୍ୟର ସବୁ ଲୋକେ ଉପକୃତ ହୋଇପାରନ୍ତେ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ଆଇଏଏସ, ଓଏଏସ ଅଫିସର ଯେଉଁ ଚାଉଳ ପାଇବେ ସେଇ ଚାଉଳ ଗରିବ ଲୋକ ପାଖରେ ପହଂଚନ୍ତୁ। ବଳକା ଚାଉଳ ଖାଦ୍ୟ ନିଗମ ଉଠାଉନଥିବା କହି ସରକାରୀ ଦଳ ଆନ୍ଦୋଳନ କରିବା ପରିସ୍ଥିତି ସୃଷ୍ଟି ହୁଅନ୍ତାନି। ବଳକା ଚାଉଳ ଗୋଦାମରେ ପଡି ନଷ୍ଟ ହେଉଛି। ବାସ୍ତବରେ ଓଡିଶାରେ ଯଦି ଚାଉଳ ବଳକା ହେଉଛି ତେବେ ପଡୋଶୀ ରାଜ୍ୟରୁ ଆସୁଥିବା ପ୍ୟାକେଟ ଚାଉଳ ବିକ୍ରି ହେଉଛି କିପରି। ଖାଦ୍ୟ ସୁରକ୍ଷା ଯୋଜନାରେ ଦିଆଯାଉଥିବା ଚାଉଳ ଖୋଲା ବଜାରରେ କିପରି ବିକ୍ରି ହେଉଛି। ଏସବୁ ପ୍ରଶ୍ନ ଉପରେ ସରକାର ଉତର ରଖିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




## ୨ ଲକ୍ଷ ୬୦ ହଜାର ଟଙ୍କାର ଚୋରା କାଠ ଜବତ

ଜୟପୁର : ଜୟପୁର ବନଖଣ୍ଡ ର ବୋରିଗୁମ୍ମା ବନାଂଚଳ ଧଉଡାପଲା ଗ୍ରାମରେ ଭିଜଲାନ୍ସ ,ବନବିଭାଗ ଓ ,ପୋଲିସ,ମିଳିତ ଭାବେ ଚଢ଼ାଉ ।ଏହି ରେଡ଼ ରେ ଭିଜିଲାନ୍ସ ଡିଏସପିଓ୍ୱ ଏସଏନ ପାଣିଗ୍ରାହୀ, ଏସିଏଫଓ ସୁବାସ ଚନ୍ଦ୍ର ଖୁଂଟିଆ, ପ୍ରଭୁଦତ ମିଶ୍ର, କୋଟପଡ଼ ବନାଂଚଳ ଅଧିକାରୀ ଲିସ୍ମିତା କଆର ପ୍ରମୁଖ ସାମିଲ ହୋଇ ଆଜି ଦୁଇଟି ସ୍ଥାନରେ ରେଡ଼ କରି ଲକ୍ଷାଧିକ ଟଙ୍କର କାଠ ଜବତ କରିଛନ୍ତି ।

## ଭାଇ ବାହାଘର ପାଇଁ ଶପିଂ ମଲ୍‌ରୁ କରିଥିଲେ ଚୋରି, ଏବେ ଏମିତି ପଡ଼ିଲେ ଧରା

ଝାରସୁଗୁଡା: ସହରରେ ଥିବା ଏକ ଶପିଂ ମଲ୍‌ରୁ ରବିବାର ରାତିରେ ନଗଦ ଲକ୍ଷାଧିକ ଟଙ୍କା ସହ କେତେକ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି ହୋଇଥିଲା । ଏନେଇ ମଲ୍ ମ୍ୟାନେର୍ଜ ସମୀର ବିଶ୍ୱାଳ ଗତ ସୋମବାର ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡ଼ା ଟାଉନ ଥାନା କେସ୍ ନଂ. ୩୭୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ୫ଦିନ ପରେ ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇଛି । ଏଥିରେ ସମ୍ପୃକ୍ତ ଶପିଂ ମଲ୍‌ର ଜଣେ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ଦେବ ନାୟକ(୨୪) ।ଅଭିଯୁକ୍ତଙ୍କ ନିକଟରୁ ପୋଲିସ ନଗଦ ୧ଲକ୍ଷ ୭୧ହଜାର ୪୦ ଟଙ୍କା, ୪ ସାମସଙ୍ଗ ଟାବ୍ଲେଟ,ସିସିଟିଭି ଡିଭିଆର୍ ଓ ଜିଓ ଇଂଟରନେଟ୍ ମେଶିନ ଆଦି ଚୋରି ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିବ ବୋଲି ପୋଲିସ କହିଛି । ଏନେଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଭିଯୁକ୍ତ କର୍ମଚାରୀ ଜଣଙ୍କ ମଲ୍‌ରେ ସେଲ୍ସମ୍ୟାନ ଭାବେ କାମ କରନ୍ତ । ସେ ମାସିକ ୧୫ହଜାର ଟଙ୍କା ଦରମା ପାଆନ୍ତି । ଏହି କମ୍ ଦରମାରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟ ହେଉଥିଲା । ଏଭଳି ସ୍ଥିତିରେ ତାଙ୍କ ଭାଇଙ୍କ ବାହାଘର ମଧ୍ୟ ରହିଥିଲା । ଏସବୁ ଦୃଷ୍ଟିରେ ରଖି କର୍ମଚାରୀ ଜଣଙ୍କ ମଲ୍ ପଛ ରାସ୍ତାରେ ପଶି ନଗଦ ୨ଲକ୍ଷ ୬୦ ହଜାର ଟଙ୍କା ଓ ଉପରୋକ୍ତ ଜବତ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି କରିଥିଲା । ଏନେଇ ପୋଲିସ ଦେବଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କ ଗ୍ରାମରେ ପହଂଚି ଗିରଫ କରିଥିଲା । ଏହାକୁ ପର୍ଦ୍ଦାଫାଶ କରିବାରେ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ ପ୍ରମୁଖଙ୍କ ଭୂମିକା ରହିଥିଲା ।

## ଲଟାବୁଦାରେ ଲୁଚିଗଲାଣି ଏଏନଏମ କେନ୍ଦ୍ର; ପୁନରୁଦ୍ଧାର ପାଇଁ ଦାବି



ଫୁଲନଖରା: ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଥିବା ଏଏନଏମ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ବର୍ତ୍ତମାନ ଲଟାବୁଦାରେ କେନ୍ଦ୍ରଟି ଆଚ୍ଛାଦିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏହାର କବାଟ ଝରକା ଉଇ ଲାଗି ନଷ୍ଟ ହେବା ସହିତ ଆସବାବପତ୍ର ଭାଙ୍ଗିରୁଜି ଗଲାଣି । ସେହିପରି ଅନାବନା ଗଛଲତାରେ କେନ୍ଦ୍ରଟି ସମ୍ପୂର୍ଣ୍ଣ ଲୁଚିଯିବାକୁ ବସିଛି । କେନ୍ଦ୍ର ମଧ୍ୟରେ ଥିବା ନଳକୂଅ କଳଙ୍କି ଲାଗି ଅଚଳ ହୋଇପଡ଼ିଥିଲାବେଳେ ମୁଖ୍ୟ ଫାଟକ ଭାଙ୍ଗିଯାଇଛି । ଦୀର୍ଘ ୧୦ ବର୍ଷ ହେଲା ଏହାର ମରାମତି ଅଥବା ରକ୍ଷଣା ବେକ୍ଷଣ କାର୍ଯ୍ୟ ନହେବାରୁ ଏହା ଏବେ ସମ୍ପୂର୍ଣ୍ଣଭାବେ ପରିତ୍ୟକ୍ତ ହୋଇ ସରୀସୃପଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି । ପାଚେରି ଭାଙ୍ଗିରୁଜି ଯିବାରୁ ଏଥିରେ ବ୍ୟବହୃତ ଇଟା ଓ ପଥର ଚୋରି ହେବାରେ ଲାଗିଛି । ଏଠାରେ ସ୍ଥାନୀୟ ଅଞ୍ଚଳର ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ସହିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ ଆବଶ୍ୟକ ଜରୁରୀ ଟିକାକରଣ କାର୍ଯ୍ୟ ହେଉଥିଲା; ମାତ୍ର ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ସମ୍ପୃକ୍ତ କେନ୍ଦ୍ରରେ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ଅସହଯୋଗ ମନୋବୃତ୍ତି ଯୋଗୁଁ କେନ୍ଦ୍ରଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଅଭିଯୋଗ ହେଉଛି । ଏ ନେଇ ସ୍ଥାନୀୟ ଜନସାଧାରଣ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ । ବର୍ତ୍ତମାନ ଟିକାକରଣ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟ ଗ୍ରାମ ମଧ୍ୟସ୍ଥ ଜନୈକ ବ୍ୟକ୍ତିଙ୍କ ବାସଭବନରେ ହେଉଥିବା ଏବଂ ଏ ନେଇ ଅନେକ ସମସ୍ୟା ଉପୁଜୁଥିବା କୁହାଯାଉଛି । ଏହି ପରିପ୍ରେକ୍ଷୀରେ କୁରାଙ୍ଗଶାସନ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ ନିର୍ମାଣ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)-ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ପାଂଚ ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖୁଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ୍ୟ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ଓ୍ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ଓ୍ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ଓ୍ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## କୋଭିଡ ଆଇନ୍ ମାନି ଶ୍ରୀମନ୍ଦିର ଖୋଲିବାକୁ ଦାବି

### ସ୍ୱର ଉଠାଇଲା ଜନଜାଗରଣ ମଂଚ

ପୁରୀ, (ପିଏନ)- ରାଜ୍ୟ ସରକାର କୋଭିଡ୍ ନିୟମ ମାନି ହୋଟେଲ, ସପିଂ ମଲ, ପାର୍କ ଓ ବସ୍ ଚଳାଚଳ ପାଇଁ ଅନୁମତି ଦେଇଥିବା ବେଳେ କାହିଁକି ଶ୍ରୀମନ୍ଦିର ସେହି ଆଇନ ଅନୁସାରେ ଖୋଲିବେ ନାହିଁ ବୋଲି ଆଜି ସିଂହଦ୍ୱାର ଠାରେ ଜନଜାଗରଣ ମଂଚ ତାର ସ୍ୱର ଉତୋଳନ କରିଛି । ଏହା ସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଏକ ଦାବିପତ୍ର ଦେଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ମାର୍ଚ୍ଚ ମାସରୁ ଶ୍ରୀମନ୍ଦିର ବନ୍ଦ ହେବା ଯୋଗୁଁ ପର୍ଯ୍ୟଟକ, ତୀର୍ଥଯାତ୍ରୀ ପୁରୀକୁ ନଆସିବାରୁ ମନ୍ଦିର ଉପରେ ନିର୍ଭର କରି ଚଳୁଥିବା ସେବାୟତ ଓ ମନ୍ଦିର ଚାରିପଟେ ଶହ ଶହ ଉଠାଦୋକାନୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ରାଜ୍ୟ ସରକାର ମନ୍ଦିର ଖୋଲନ୍ତୁ ନଚେତ୍ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ମଂଚ ଦାବି କରିଛି । ରାଜ୍ୟ ସରକାର ଦୈନିକ ସୀମିତ ସଂଖ୍ୟକ ଭକ୍ତଙ୍କୁ ସାନିଟାଇଜର, ଥର୍ମାଲ ଟେଷ୍ଟିଂ କରି ଛାଡିବା ପାଇଁ ନିବେଦନ କରିଛନ୍ତି । ଜନଜାଗରଣ ମଂଚର ଜ୍ୟୋତିରଞ୍ଜନ ନାୟକ ଓ ଆଇନ ଉପଦେଷ୍ଟା ଅନୀଲ କୁମାର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ, (ପିଏନ)- କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ ।

ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋଓ୍ୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାଓ୍ୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା’ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫‘ଟି’) ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି, ସକ୍ରିୟ ମାମଲା ୪୭୩

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୦୨୪ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।

ସେହିପରି ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଂଚଳରୁ ୫ ଜଣ, ମାଲକାନଗିରି ବ୍ଲକରୁ ୭, ମାଥିଲି ବ୍ଲକରୁ ୩ ଜଣ, ଖଇରପୁଟ ବ୍ଲକରୁ ୪ ଜଣ, ଚିତ୍ରକୋଣ୍ଡା ବ୍ଲକରୁ ୪ ଜଣ, ପଡ଼ିଆ ବ୍ଲକରୁ ୨ ଜଣ, ଏବଂ କାଲିମେଳା ବ୍ଲକରୁ ୩ ଜଣ ରହିଛନ୍ତି । ତନ୍ମଧ୍ୟରେ ଦୁଇ ଜଣ କରୋନା ଯୋଦ୍ଧା ରହିଛନ୍ତି ।

ଆଜି ଚିହ୍ନଟ ୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ୧୪ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ୩ ଜଣ ସଂକ୍ରମିତ ହୋଇଛନ୍ତି ।

ଅଦ୍ୟାବଧି ଜିଲ୍ଲାରେ ୩୫୩୯ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୪୭୩ ରହିଛି । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ ରହିଛି ।

## ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)- ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ଼ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ୍‌କୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।

## ୩୪୩ ଲିଟର ଦେଶୀମଦ ଜବତ, ଅଭିଯୁକ୍ତ ଚିଲିକା ଭିତରେ ଫେରାର

ପୁରୀ, (ପିଏନ)- ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ବ୍ରାହ୍ମଣଦେଓ କୁମାରପୁର ରିଙ୍ଗରୋଡରେ ଗୋଟିଏ ମାରୁତି ଓମିନି କାର୍ ନଂ ଏପି ୩୧ଏଲ ୫୩୮୭ କୁ ଜବତ କରିବା ସମୟରେ ସେଥିରେ ଥିବା ମଦ ବ୍ୟବସାୟୀ ଚିଲିକା ଭିତର ଦେଇ ଖସି ଯାଇଥିଲେ । ସେହି ଗାଡିରୁ ୧୪ଟି ଜରି ଅଖାରେ ୩୪୩ ଲିଟର ଦେଶୀମଦ ଥିବା ଜଣାପଡିଥିଲା । ଏହାକୁ ପୁଲିସ୍ ଜବତ କରିଛି । ଏ ସମ୍ପର୍କରେ କୃଷ୍ଣପ୍ରସାଦ ଥାନାରେ ୧୫୪/୨୦ରେ ମାମଲା ରୁଜୁ ହୋଇଛି ।

## ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,(ପିଏନ)-କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୁକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# ଖେଳ




ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Monday August 02, 2021 ଭୁବନେଶ୍ୱର ସୋମବାର, ଅଗଷ୍ଟ ୦୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 8




## ଗୋଟିଏ ଦିନରେ ୧୪୩୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୪୩୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୮୭୦୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୫୬୮୨୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୫୮୫୮ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୩୭ ଜଣଙ୍କ ମଧ୍ୟରୁ ୮୩୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୦୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୦୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୪ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୧୯୦, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୧ ଜଣ, ଗଜପତି ଜିଲ୍ଲାରୁ ୩, ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୬ ଜଣ, ଯାଜପୁରରୁ ୬୬ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳ ଜିଲ୍ଲାରୁ ୧୪ ଜଣ. କେନ୍ଦ୍ରାପଡ଼ାରୁ ୪୧ ଜଣ, କେନ୍ଦୁଝରରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୦୯ଜଣ, କୋରାପୁଟରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୦ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୩୬ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୪୬ଜଣ, ରାୟଗଡ଼ାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୧୩ ଜଣ, ସୁନ୍ଦରଗଡ଼ରୁ ୨୯ ଜଣ ଓ ଷ୍ଟେଟ୍ ପୁଲରୁ ୮୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ମଙ୍ଗଳବାର ଠାରୁ ଖୋଲିପାରେ ନନ୍ଦନକାନନ

ଭୁବନେଶ୍ୱର, ୧।୮(ପି.ଏନ): ଆସନ୍ତା ମଙ୍ଗଳବାର ଠାରୁ ପୁଣି ଖୋଲିପାରେ ନନ୍ଦନକାନନ। ସ୍ଥିତି ଅନୁଧ୍ୟାନ କରିବା ପରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଚିଡ଼ିଆଖାନା ଖୋଲିଲେ ବି ଭିତରେ ବ୍ୟାଟେରି ଚାଳିତ ଗାଡ଼ିକୁ ଅନୁମତି ମିଳିବ ନାହିଁ। ଏମିତିକି ବୋଟିଂ ପାଇଁ ମଧ୍ୟ ଅନୁମତି ଦିଆଯିବ ନାହିଁ। ଅଳ୍ପ ସଂଖ୍ୟକ ଦର୍ଶକଙ୍କୁ ନନ୍ଦନକାନନ ଭିତରକୁ ଛଡ଼ାଯିବ ।ନନ୍ଦନକାନ ଖୋଲିବା ନେଇ ରାଜ୍ୟ ସରକାର ଅଗଷ୍ଟ ଗାଇଡ ଲାଇନରେ ଅନୁମତି ଦେଇଛନ୍ତି। ଦୀର୍ଘ ଦିନ ପରେ ପ୍ରାଣୀ ଉଦ୍ୟାନ ଖୋଲିବାକୁ ଅନୁମତି ମିଳିଥିବାରୁ କେଉଁ ଆଧାରରେ ନନ୍ଦନକାନନ ଖୋଲାଯିବ, ତାହାର ତର୍ଜମା କରିଥିଲେ ନିର୍ଦ୍ଦେଶକ ମନୋଜ ମହାପାତ୍ର।

## ଆସନ୍ତାକାଲିଠୁ ୫ ଦିବସୀୟ ତାମିଲନାଡୁ ଗସ୍ତରେ ରାଷ୍ଟ୍ରପତି କୋବିନ୍ଦ

ନୂଆଦିଲ୍ଲୀ, ୧।୮(ପି.ଏନ): ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଠାରୁ ୫ ଦିବସୀୟ ତାମିଲନାଡୁ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ରାଷ୍ଟ୍ରପତି ମଦ୍ରାସ ବିଧାନସଭାର ଶତାବ୍ଦୀ ସମାରୋହକୁ ସମ୍ବୋଧିତ କରିବେ ଏବଂ ଦ୍ରବିଡ଼ ମୁନେତ୍ର କଡ଼ଗମ (ଡିଏମକେ) ନେତା ଏବଂ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତି କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ରାଷ୍ଟ୍ରପତି କୋବିନ୍ଦ ଅଗଷ୍ଟ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ଗସ୍ତରେ ରହିବେ । ସେ ୨ ତାରିଖରେ ଚେନ୍ନାଇରେ ମଦ୍ରାସ ବିଧାନସଭାର ୧୦୦ ତମ ବର୍ଷ ସ୍ମରଣଉତ୍ସବକୁ ସମ୍ବୋଧିତ କରିବେ ଏବଂ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ । ୧୯୨୧ ରେ ମଦ୍ରାସ ବିଧାନସଭାର ପ୍ରତିଷ୍ଠା ହୋଇଥିଲା । ବର୍ତ୍ତମାନ ଏହା ତାମିଲନାଡୁ ବିଧାନସଭା ନାମରେ ଜଣାଯାଏ ।ସେହିପରି ଅଗଷ୍ଟ ୪ ତାରିଖରେ ୱେଲିଙ୍ଗଟନରେ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ ଗସ୍ତ କରିବେ ଏବଂ ୭୭ତମ ଷ୍ଟାଫ୍ କୋର୍ସର ଛାତ୍ର ଅଧିକାରୀ ମାନଙ୍କୁ ସମ୍ବୋଧିତ କରିବେ ।ଏଠାରେ ଉଲ୍ଲେଖଯୋଗ୍ୟ, ଏମକେ ଷ୍ଟାଲିନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଗତ ଜୁଲାଇ ୧୯ ରେ ଦ୍ୱିତୀୟ ଥର ପାଇଁ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତି କୋବିନ୍ଦଙ୍କୁ ଭେଟିବା ସହ ତାଙ୍କୁ ମଦ୍ରାସ ବିଧାନସଭାର ଶତାବ୍ଦୀ ସମାରୋହରେ ସାମିଲ୍ ହେବାକୁ ନିମନ୍ତ୍ରଣ କରିଥିଲେ ଏବଂ ଡିଏମକେ ନେତା ଏମ୍. କରୁଣାନିଧିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଅନୁରୋଧ କରିଥିଲେ । ରାଷ୍ଟ୍ରପତି କୋବିନ୍ଦ ଏହା ପୂର୍ବରୁ ମାର୍ଚ୍ଚ ମାସରେ ତାମିଲନାଡୁ ଗସ୍ତ କରିଥିଲେ ।

## ରାଜଧାନୀରେ ସଂକ୍ରମଣ ୧ ଲକ୍ଷ ପାର୍ ; ୨୪ ଘଂଟାରେ ୩୧୮ ପଜିଟିଭ୍

ଭୁବନେଶ୍ୱର, ୧।୮(ପି.ଏନ): ରାଜଧାନୀରେ ୧ ଲକ୍ଷ ଟପିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୩୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୩୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୩୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ରସୁଲଗଡରୁ ୧୨ ଜଣ , ଶୈଳଶ୍ରୀବିହାରରୁ ୧୦ ଜଣ , ଓଲ୍ଡଟାଉନ୍ ରୁ ୯ ଜଣ ,ନୟାପଲ୍ଲୀ , ଟଙ୍କପାଣି ରୋଡ୍ , ଝାରପଡା ଓ ୟୁନିଟ୍ ୬ରୁ ୮ ଜଣ ଲେଖାଏଁ , ଚନ୍ଦ୍ରଶେଖରପୁରରୁ ୭ ଜଣ ଲେଖାଏଁ , ଖଣ୍ଡଗିରି , କପିଳପ୍ରସାଦ, ପାତ୍ରପଡାରୁ ୬ ଜଣ ଲେଖାଏଁ , ସାମନ୍ତରାପୁର, ମଂଚେଶ୍ୱର, ଜାଗମରା, ନିଳାଦ୍ରୀବିହାର , ୟୁନିଟ୍ ୮ , କାନନବିହାର ଓ ଡୁମ୍‌ଡୁମାରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## ପୋଲିସ୍‌ର ନିଷ୍କ୍ରିୟତା : ନ୍ୟାୟ ପାଇଁ ଥାନାରେ ବସିଲେ ପରିବାର

ହାଟଡିହି: କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଅଧିନରେ ଥିବା ନନ୍ଦିପଦା ଥାନାରେ ଏକ ଅପହରଣ ମାମଲାରେ ପୋଲିସ୍‌ର ନିଷ୍କ୍ରିୟତା ନେଇ ଥାନାରେ ବସିଛନ୍ତି ପରିବାର । ସୂଚନା ଅନୁଯାୟୀ ଆମ୍ବୋ ଗ୍ରାମର ରନ ଯେନାଙ୍କ ୧୪ବର୍ଷୀୟ ଭାଣିଜୀକୁ ଗତ ଜୁନ୍ ମାସ ୧୩ତାରିଖରେ ଘରେ ଶୋଇଥିବା ଅବସ୍ଥାରେ କେହି ଦୁର୍ବୃତ୍ତ ଉଠାଇ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା । ନନ୍ଦିପଦା ଥାନା ଅଧିକାରୀ କେସ୍ ନଂ ୮୭/୨୦୨୧ରେ ଏକ ମାମଲା ରୁଜୁ କରି ଚୁପ୍ ବସି ଯାଇଥିଲେ । ସମ୍ପୃକ୍ତ ନାବାଳିକା ଆମ୍ବୋ ଗ୍ରାମରେ ନିଜ ମାମୁଁଘରେ ରହି ପାଠ ପଢୁଥିଲେ । ତେବେ ଘଟଣାର ଲିଖିତ ଅଭିଯୋଗର ମାସାଧିକ ସମୟ ବିତି ଯାଇଥିଲେ ମଧ୍ୟ ଆଜିଯାଏଁ ପୋଲିସ କୌଣସି ପଦକ୍ଷେପ ନେଉନାହିଁ । ଅନ୍ୟ ପକ୍ଷରେ ଅପହରଣ ଘଟଣାରେ ସାମିଲ ଥିବା ଦୁର୍ବୃତ୍ତ ପରିବାର ଲୋକଙ୍କୁ ନାନାଦି ଅପଶବ୍ଦ ବ୍ୟବହାର କରି ଗାଳିଗୁଲଜ କରିବା ସହିତ ମାରପିଟର ଧମକ ମଧ୍ୟ ଦେଉଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଗାଁ ଦାଣ୍ଡରେ ଖୁଲମ୍‌ଖୋଲା ବୁଲୁଥିଲେ ମଧ୍ୟ ପୋଲିସ୍ ଧରୁ ନଥିବାରୁ ପରିବାର ଲୋକେ ନ୍ୟାୟ ପାଇଁ ଥାନାରେ ବସିଥିଲେ ।

## କେନ୍ଦୁଝର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଅପେକ୍ଷା ଖଣି ହାତେଇବା କମ୍ପାନୀଙ୍କର ଅଧିକ ଆଗ୍ରହ ରହିଥିବା ସ୍ପଷ୍ଟ ହେଉଛି

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଶିଳ୍ପ କୁ କମ୍ ଏବଂ ଖଣି ପ୍ରତି ଅଧିକ ଆଗ୍ରହ ଦେଖାଇ କମ୍ପାନୀମାନେ ଆଗେଇ ଆସୁଥିବା ଘଟଣା ହୁଏତ ଆଉ କାହାକୁ ଅଛପା ନାହିଁ । ଶିଳ୍ପ ପ୍ରତିଷ୍ଠା ନାମରେ ଖଣି ହାତେଇବା ପାଇଁ କମ୍ପାନୀମାନେ ବିଭିନ୍ନ ମାୟାଜାଲ ସୃଷ୍ଟି କରି ସରକାରଙ୍କୁ ପ୍ରଭାବିତ କରିବାରେ ଅନେକାଂଶରେ ସଫଳ ହେଉଛନ୍ତି ଏବଂ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଏମଓୟୁ ଦସ୍ତଖତ କରୁଛନ୍ତି। ଅନେକ କମ୍ପାନୀ କେନ୍ଦୁଝରରୁ ଲୁହାପଥର ନେଇ ଅନ୍ୟ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରୁଛନ୍ତି। କିନ୍ତୁ ଏହି ଜିଲ୍ଲା ପ୍ରତି ଅନୁରୁପ ଆଗ୍ରହ ଦେଖାଉନାହାଁନ୍ତି। ଅବଶ୍ୟ କେତେକ କେବଳ ଲୋକଙ୍କ କିମ୍ବା ସରକାରଙ୍କ ଚାପରେ ଶିଳ୍ପ ପ୍ରତଷ୍ଠା ପାଇଁ ଆଗ୍ରହ ଦେଖାଉଛନ୍ତି ଏବଂ ଏମଓୟୁ ମଧ୍ୟ କରୁଛନ୍ତି ସତ କିନ୍ତୁ ଷ୍ଟିଲପ୍ଲାଂଟ କରୁନାହାଁନ୍ତି। ଏପରିକି ଜିଲ୍ଲା ପ୍ରତି ହେଉଥିବା ଅନେକ ଘୋଷଣା ଲଲିପପ୍ ସଦୃଶ ହୋଇରହୁଛି। ଏପରିକି ପୂର୍ବରୁ ଜିଲ୍ଲାରେ ଏକାଧିକ ଖଣି ନେଇଥିବା ରୁଙ୍ଗଟା କମ୍ପାନୀ ଭଳି ଅନେକ କମ୍ପାନୀ ଜିଲ୍ଲାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ଆଗ୍ରହ ଦେଖାଇନାହାଁନ୍ତି। କିନ୍ତୁ ହାତରୁ ଖଣି ଚାଲିଯିବା ପରେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହ ପ୍ରକାଶ ପାଇବା ସ୍ୱାଭାବିକ ଭାବେ ସନ୍ଦେହଘେରକୁ ଆସିଛି। କେନ୍ଦୁଝର ଜିଲ୍ଲାର ମୂଲ୍ୟବାନ ଖଣିଜସଂପଦ ବ୍ୟାପକ ଲୁଟ ହୋଇଥିବା ଜଷ୍ଟିସ ଶାହା କମିଶନ ତାଙ୍କ ତଦନ୍ତରେ ସ୍ପଷ୍ଟ କରି ଫାଇନ ଆଦାୟ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବିଭିନ୍ନ ଆଳରେ କେତେକ ଖଣି ସଂସ୍ଥା ତାହା ଦେଉନଥିବାବେଳେ ସେମାନଙ୍କଠାରୁ ସୁଧ ସହ ଫାଇନ ଅର୍ଥ ଆଦାୟ କରିବାକୁ ସରକାର କେବଳ ସମର୍ଥ ନୁହେଁ ଆଗ୍ରହ ମଧ୍ୟ ଦେଖାଉନାହାଁନ୍ତି। ରାଜ୍ୟ ସରକାର ନିକଟରେ ୧୧ଟି ଖଣି ଲିଜ୍ ଦେବା ପାଇଁ ନିଲାମ ଡାକିଛନ୍ତି ଯେଉଁଥିରେ ୭ଟି ନୂଆ ଖଣି ରହିଥିବାବେଳେ ୪ଟି ପୁରୁଣା ଖଣି ରହିଛି। ପୂର୍ବରୁ ଖଣି ଲିଜ୍ ପାଇଥିବା କମ୍ପାନୀମାନେ ଖଣିଜପଦାର୍ଥରୁ ହଜାର ହଜାର କୋଟି ଟଙ୍କାର ମୁନାଫା କମାଇ ଏବେ ପୁଣି ନୂଆ ଖଣି ଉପରେ ଆଖି ପକାଇଛନ୍ତି। ଏବେ ୭ଟି ନୂଆ ଖଣି ଲିଜ୍ ଦିଆଗଲେ ଲକ୍ଷ ଲକ୍ଷ ଗଛ ନଷ୍ଟ ହେବା ସହ ପରିବେଶ ଉପରେ ଏହାର ଗଭୀର ପ୍ରତିକୂଳ ପ୍ରଭାବ ପଡିବ। ଶିଳ୍ପ ପ୍ରତିଷ୍ଠା କରିବାର ପ୍ରତିଶୃତି ଦେଇ ଉନ୍ନତମାନର ପ୍ରଚୁର ଲୁହାପଥର ଗଛିତ ଥିବା ଗନ୍ଦଲପଡା ଖଣିକୁ ହାତେଇବା ପାଇଁ ଭିତିରିଆ ଗୁପ୍ତ ଯୋଜନା ମଧ୍ୟ କୁଆଡେ ପ୍ରସ୍ତୁତ ସରିଛି । ତେବେ ପୂର୍ବରୁ ଖଣି ଥାଇ ମଧ୍ୟ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ନଥିବା କମ୍ପାନୀ ଉକ୍ତ ଖଣିକୁ ହାତେଇବା ଲକ୍ଷ୍ୟରେ ଷ୍ଟିଲପ୍ଲାଂଟ ନାମରେ ପୁରୁଣା କାରଖାନା ସଂପ୍ରସାରଣ ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଅଧିଗ୍ରହଣ ଜମି , ବିବାଦ ଘେରରେ ଥିବାରୁ କାରଖାନାକୁ ସଂପ୍ରସାରଣ କରି ଷ୍ଟିଲପ୍ଲାଂଟ ପ୍ରତିଷ୍ଠା ନେଇ ଅନିଶ୍ଚିତତା ଲାଗିରହିଥିବାବେଳେ ଖଣି ହାସଲ ପରେ କମ୍ପାନୀର ପ୍ଲାଂଟ ପ୍ରତିଷ୍ଠା ସ୍ୱାଭାବିକ ଭାବେ ସନ୍ଦେହ ସୃଷ୍ଟି କରିଛି। କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଅଂଚଳ। ଷ୍ଟିଲପ୍ଲାଂଟ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ସରକାର ଇଡକୋ ମାଧ୍ୟମରେ ବେଆଇନ ଭାବେ ଲୋକଙ୍କ ଆସ୍ଥା କିମ୍ବା ସହମତି ନିଆ ନଯାଇ ଚଂଚକତା କରାଯାଇ ଆଦିବାସୀଙ୍କ ଜମିକୁ ଅଧିଗ୍ରହଣ କରାଯାଇଥିବା ,ଏପରିକି ମୃତ ଲୋକଙ୍କ ନାମରେ ଜାଲଦସ୍ତଖତ ହୋଇଥିବା କୁହାଯାଇଛି। ଏହାଦ୍ୱାରା ଆଦିବାସୀମାନଙ୍କର ଜୀବନଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ଯେଉଁଠାରେ ଜମି ହରାଉଥିବା ନିରୀହ ଆଦିବାସୀ ନିଜର ହକ ଏବଂ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି ସେଠାରେ ରାଜ୍ୟ ସରକାରଙ୍କ ଷ୍ଟିଲପ୍ଲାଂଟଂଷ୍ଟ ଘୋଷଣା ଜିଲ୍ଲାବାସୀଙ୍କୁ କିପରି ନ୍ୟାୟ ଦେବେ ବୋଲି ପ୍ରଶ୍ନ କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଅଶୋକ ଠକ୍କର। ପ୍ରାକୃତିକ ସମ୍ପଦକୁ ନଷ୍ଟ କରି ନେତା ଓ କମ୍ପାନୀଙ୍କ ସାଲିସରେ ବିକାଶ ନାମରେ ବିନାଶ ଉଦ୍ୟମର ଜବାବ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି କାଶିଆ ଲୁହାପଥର ଖଣିକୁ କଳିଙ୍ଗନଗରଠାରେ ଥିବା ଏକ କାରଖାନାକୁ ଦେବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲାରେ ମେଗା ଇସ୍ପାତ କାରଖାନାର ଦାବୀ ରହିଥିବାବେଳେ ଖଣି କମ୍ପାନୀ ନିଜର ବିକାଶ ପାଇଁ ସରକାରଙ୍କ ସହାୟତାରେ ଉନ୍ନତମାନର ଖଣି ହାତେଇବା ଲବି ଆରମ୍ଭ କରିଥିବାକୁ ନେଇ ଜିଲ୍ଲାରେ ବିରୋଧାଭାଷ ଦେଖାଦେଲାଣି। ମହାମାରୀ କୋଭିଡ୍-୧୯ ପରିସ୍ଥିତିରେ ଜୀବନ ଓ ଜୀବିକାର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ କେନ୍ଦୁଝର ଜିଲ୍ଲାରେ ଖଣି ଗୁଡିକ ମେସିନରେ କାମ ହେଉଥିବାରୁ ବହୁ ଶ୍ରମିକ କାମ ହରାଇ ଦାଦନ ଖଟିବାକୁ ଯାଉଛନ୍ତି। ନିଜ ଘର ପାଖରେ ଥିବା ଖଣି ଏବେ ବାହାର ଲୋକ ଏବଂ ଅଣଓଡିଆଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଶ୍ରମିକଙ୍କ ସମସ୍ୟାକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ଫଳରେ ହଜାର ହଜାର ଶ୍ରମିକ ଏବେ କାମଧନ୍ଦା ହରାଇଛନ୍ତି । ସରକାର ଶ୍ରମିକଙ୍କ ସମସ୍ୟା ପ୍ରତି ଆଖିବୁଜି ଦେଇଥିବାବେଳେ ଖଣିମାଲିକଙ୍କୁ ସୁହାଇଲା ଭଳି କାମ କରୁଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ବୃହତ ଶିଳ୍ପ ପ୍ରତିଷ୍ଠା ନକରି ଏଠାରୁ ଲୁହାପଥର ନେଇଯିବାକୁ ହେଉଥିବା ଉଦ୍ୟମକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଘୋରବିରୋଧ କରାଯିବ ବୋଲି ବହୁଳ ମତ ପ୍ରକାଶ ପାଉଛି ।

## ନହବେଡାରେ ବିଜୁ ଜନତାଦଳର ପଚାଂୟତସ୍ତରୀୟ କର୍ମୀ ସମ୍ମିଳନୀ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅଂଗତ ନହବେଡା ଗ୍ରାମପଚାଂୟତର କଲ୍ୟାଣ ମଣ୍ଡପ ଠାରେ ରବିବାର ଦିନ ବିଜୁ ଜନତା ଦଳ ପକ୍ଷରୁ ଏକ ପଚାଂୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କର୍ମୀ ସମ୍ମିଳନୀ ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜୁ ଜନତାଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମଧାବ ସର୍ଦ୍ଦାର, ରାଜ୍ୟ ଯୁବ ବିଜେଡି ଉପ-ସଭାପତି ସୌମ୍ୟଶଙ୍କର ଚକ୍ର, ବିଜୁ ଜନତାଦଳ ଜିଲ୍ଲା ଉପ-ସଭାପତି ପ୍ରମୋଦ ପଟ୍ଟନାୟକ,ଜିଲ୍ଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଆପଟ, ଜିଲ୍ଲା ସମ୍ପାଦକ ରାଧାଗୋବିନ୍ଦ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବାବୁରାମ ନାଏକ,ଝୁମ୍ପୁରା ବ୍ଲକ ବିଜେଡି ମହିଳା ସଭାପତି ନଳିନୀ ମହାଂ, ଝୁମ୍ପୁରା ବ୍ଲକ ବିଜେଡି ଛାତ୍ର ସଭାପତି ଭାଗିରଥି ପ୍ରଧାନ, ବରିଷ୍ଠ ବିଜେଡି କର୍ମୀ ଦୀପୁ ପଟ୍ଟନାୟକ ସମେତ ୧୨ଟି ପଚାଂୟତର ପଚାଂୟତ ସଭାପତି ମାନେ ଉପସ୍ଥିତ ରହିଥିଲେ । ଉପସ୍ଥିତ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନେ ଆଗକୁ ଥିବା ପଚାଂୟତ ନିର୍ବାଚନକୁ ଆଖି ଆଗରେ ରଖି କର୍ମୀମାନଙ୍କୁ ନିର୍ବାଚନ ବୈତରଣୀ କୁ ପାରି ହେବା ନିମନ୍ତେ ଗୁରୁମନ୍ତ୍ର ଦେଇଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦୁଝର: କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଂଚାୟତ ଅଧିନସ୍ଥ ପଞ୍ଚଶଖା ନୋଡାଲ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରୋହିତ କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ପାତ୍ର ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ରୂପେ ବିଦ୍ୟାଳୟର ଭୁତପୂର୍ବ ପ୍ରଧାନଶିକ୍ଷକ ନୀଳମଣି ମହାନ୍ତି, ତୈଲୋକ ରନ ମିଶ୍ର, ଶିକ୍ଷୟତ୍ରୀ ନିରୁପମା ନାଏକ, ସସ୍ମିତା ବାରିକ, ଭାନୁମତି ନାଏକ ପ୍ରମୁଖଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ, କର୍ମଚାରୀମାନେ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ଶ୍ରୀରାମ ରୋହିତ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ପଦ୍ମପୁରର ପୂର୍ବତନ ସିଆରସି ତଥା ବନାଯୋଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୀବ କୁମାର ସାହୁ ବିଦାୟୀ ଶିକ୍ଷକଙ୍କ ଦୀର୍ଘଦିନର ଅଭିଜ୍ଞତା ଓ ପରବର୍ତ୍ତି ଜୀବନର ମଙ୍ଗଳକାମନା କରିଥିଲେ । କୋରନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଙ୍କ ନୀତିନିୟମ ମାନି ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ପରିଶେଷରେ ବିଦାୟୀ ଶିକ୍ଷକଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇ ଅତ୍ୟନ୍ତ ଭାବାବେଗ ପରିବେଶରେ ବିଦାୟ ଦିଆଯାଇଥିଲା ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray